ଧରିତ୍ରୀ
DHARITRI
September 4-10, 2022 ₹ 2/-


# ଛୁଟିଦିନ

୩
ପ୍ରଚ୍ଛଦ ପ୍ରସଙ୍ଗ



# ପଥ ପ୍ରଦର୍ଶକ

ଗୁରୁ ସିଏ, ଯିଏ ଅନ୍ଧକାରରୁ ଆଲୋକକୁ ବାଟ କଢ଼େଇ ନେବା ସହ ଛାତ୍ରକୁ ଠିକ୍ ମାର୍ଗରେ ନେବା ପାଇଁ ପଥପ୍ରଦର୍ଶନ କରିଥାନ୍ତି। ସେମାନଙ୍କର ଗୋଟିଏ ମାତ୍ର ଲକ୍ଷ୍ୟ ଛାତ୍ରମାନଙ୍କ ଭବିଷ୍ୟତ ଗଢ଼ିବା। ଶିଷ୍ୟର ସଫଳତାକୁ ହିଁ କେବଳ ଗୁରୁ ଦକ୍ଷିଣା ବୋଲି ମାନୁଥିବା ଗୁରୁମାନଙ୍କର କଥା ଏଥରର ପ୍ରଚ୍ଛଦରେ...



# ଶାନ୍ତିପୂର୍ଣ୍ଣ ଜୀବନ ପାଇଁ...

* ଅନେକ ସମୟରେ ଦେଖାଯାଏ, କିଛି ବାସ୍ତୁଦୋଷ ଥିଲେ ଘରେ ସର୍ବଦା କଳହ ଲାଗିବା ସହ ଅଭାବ ଦେଖା ଦେଇଥାଏ। ଏପରି ସ୍ଥଳେ କାଚ ଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖିଦେଲେ କ୍ରମେ ବାସ୍ତୁଦୋଷ ଆପେ ଆପେ ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି।

* ଘରେ ରାହୁ ଦୋଷ ଥିଲେ ମୟୂର ପୁଚ୍ଛକୁ ଘରର ପୂର୍ବ ତଥା ଉତ୍ତର ଦିଗରେ ଥିବା କବାଟରେ ଲଗାଇଦେଲେ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।



* ଘରର ମୁଖ୍ୟଦ୍ୱାର ବା ମୁଖ୍ୟଦ୍ୱାରର କବାଟ ଉପରେ ଘଣ୍ଟି ଲଗାନ୍ତୁ ନାହିଁ। ଏମିତି କରିବା ଦ୍ୱାରା ଘରେ ସର୍ବଦା ଝଗଡ଼ା ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

* କାଉଟିଏ ପାଣି ପାତ୍ରରୁ ପାଣି ପିଉଥିବାର ଅବା ଖାଦ୍ୟ ଧରି ଉଡ଼ିଯାଉଥିବାର ଦୃଶ୍ୟ ଶୁଭ ସୂଚନା ଦେଇଥାଏ। ତେଣୁ ପ୍ରତ୍ୟେକେ ନିଜ ନିଜ ଘର ସମ୍ମୁଖରେ ପକ୍ଷୀଙ୍କ ପିଇବା ପାଇଁ ପାଣିପାତ୍ର ରଖିବା ଦରକାର। ଏହାଦ୍ୱାରା ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି।

* ପ୍ରଭୁ ହନୁମାନଙ୍କର ପ୍ରତିମାକୁ ଘରର ମୁଖ୍ୟଦ୍ୱାର ନିକଟରେ ସ୍ଥାପନା କଲେ, ଘର ମଧ୍ୟକୁ କୌଣସି ନକରାତ୍ମକ ଉର୍ଜା ପ୍ରବେଶ କରି ନଥାଏ। ପ୍ରଭୁ ସଙ୍କଟମୋଚନ ଘର ପ୍ରତି ଆସୁଥିବା ବିପଦକୁ ଖଣ୍ଡନ କରି ଦିଅନ୍ତି ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୪-୧୦

**ମେଷ:** ସୁଖସମ୍ମାନ ପ୍ରାପ୍ତି, ବିବାଦର ଅବସାନ, ପ୍ରତିବନ୍ଧକ ଦୂରେଇଯିବ, ଟେନ୍‌ସନ କମିବ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଗୃହସୀମା ବିବାଦ, ଭ୍ରମଣ ସୁଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ପଡୋଶୀଙ୍କ ସହାନୁଭୂତି, ନୂତନ ନିଯୁକ୍ତି ଖବର ॥

**ବୃଷ:** ସୃଜନଶକ୍ତିର ବିକାଶ, ଆନୁଷ୍ଠାନିକ କର୍ମାରମ୍ଭ, ଶୁଭଖବର ପ୍ରାପ୍ତି, ଶାରୀରିକ ସୁସ୍ଥତା, କର୍ମକ୍ଷେତ୍ରରେ ପ୍ରଶଂସା, ପଡୋଶୀଙ୍କ ଆକ୍ଷେପୋକ୍ତି, ସହକର୍ମୀଙ୍କ ବଦାନ୍ୟତା, ବାଣିଜ୍ୟରେ ଉନ୍ନତି ॥

**ମିଥୁନ:** ନୂତନ କର୍ମାରମ୍ଭ, ବନ୍ଧୁଙ୍କ ପ୍ରେରଣା, ପରିବାରର ସହମତି, ଦୂରଯାତ୍ରାର ପ୍ରସ୍ତୁତି, ଦର୍ଶନୀୟସ୍ଥାନ ପରିଦର୍ଶନ, ଭୁଲ୍ ବୁଝାମଣାରୁ କଳହ, ଶାରୀରିକ ଅସୁସ୍ଥତା, ମାନସିକ ଅସ୍ଥିରତା, ସନ୍ତାନହେତୁକ ଗୌରବ, ଋଣ ପରିଶୋଧ ॥

**କର୍କଟ:** କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପଡୋଶୀଙ୍କ ସମାଲୋଚନା, କରଜଦାତାଙ୍କ ଚାପ ବୃଦ୍ଧି, ଭ୍ରାତୃ ସମ୍ପର୍କରେ ଅବନତି, ରାଜକୀୟ ସମ୍ମାନ, ମାଙ୍ଗଳିକ କାର୍ଯ୍ୟ ପ୍ରସ୍ତୁତି, ପାରିବାରିକ ଶାନ୍ତି, ରୋଗପୀଡା ହ୍ରାସ ॥

**ସିଂହ:** ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ସ୍ଥାନାନ୍ତର ସୂଚନା, ଅତିଥି ଚର୍ଚ୍ଚାର ଆନନ୍ଦ, ପାରିବାରିକ ତିକ୍ତତା, ସାମାଜିକ ସମ୍ମାନ, ଆଶା ପୂରଣ ହେବ, ମଧ୍ୟସ୍ଥତାରୁ ବିବାଦ, ଜମିଜମା ରେଜିଷ୍ଟ୍ରେସନ, ସାଧନାରେ ରୁଚି, ଅନୁସନ୍ଧାନରେ ସଫଳତା ॥

**କନ୍ୟା:** କର୍ମଚଞ୍ଚଳ ବୃଦ୍ଧି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସ୍ଥଗିତ କାର୍ଯ୍ୟାରମ୍ଭ, ଅଧ୍ୟାପନାରେ ଉନ୍ନତି, ଆନୁଷ୍ଠାନିକ ସମ୍ମାନ ମିଳିବ, ଦୁର୍ଭାବନା ବଢିବ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି, ଆତ୍ମୀୟଙ୍କ ଅସହଯୋଗ, ଶ୍ରମଜନିତ କ୍ଲାନ୍ତିବୋଧ ॥

**ତୁଳା:** ଉନ୍ନତ ଚିନ୍ତା, ସାମୟିକ ପ୍ରତିରୋଧ, ବ୍ୟବସାୟିକ ସଫଳତା, ନୂତନ ମିତ୍ରତା, ଦ୍ୱନ୍ଦ୍ୱର ଅବସାନ, ଲୋକ ସମ୍ପର୍କ ବୃଦ୍ଧି, ରାଜନୈତିକ ଆଲୋଚନା, ସମ୍ପର୍କୀୟଙ୍କ ଅସହଯୋଗ, ବନ୍ଧୁସମ୍ପର୍କ ହାନି, ମକଦ୍ଦମାରୁ ଦୁଶ୍ଚିନ୍ତା ॥

**ବିଛା:** ଆର୍ଥିକ ଅଭିବୃଦ୍ଧି, ତୀର୍ଥାଟନର ସୁଯୋଗ, ପ୍ରତିବନ୍ଧକ ହଟିଯିବ, ପାରିବାରିକ ସମସ୍ୟା, ପରିସ୍ଥିତିକୁ ସମ୍ଭାଳିବେ, ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରାରେ ସଫଳତା, ଯୁକ୍ତିତର୍କରୁ ଅସମ୍ମାନ, ଅର୍ଥସମ୍ମାନ ପାଇବେ, ସନ୍ତାନଙ୍କ ବିଶୃଙ୍ଖଳା ॥

**ଧନୁ:** ମାନସିକ ଅସ୍ଥିରତା, ବନ୍ଧୁଙ୍କ ପରାମର୍ଶ, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ପାରିବାରିକ ସମର୍ଥନ, ସମସ୍ୟାକୁ ସୁଧାରିବେ, ମନୋରଞ୍ଜନ କାର୍ଯ୍ୟକ୍ରମ, ବିବାଦରେ ପଶନ୍ତୁ ନାହିଁ, ଶୁଭଖବର ପ୍ରାପ୍ତି ॥

**ମକର:** ସହକର୍ମୀଙ୍କ ସୌଜନ୍ୟତା, ପ୍ରଶାସନିକ ତତ୍ପରତା, ରାଜନୈତିକ ବିବାଦ, ଅଶାନ୍ତିକର ପରିବେଶ, ଅପମାନିତ ହୋଇପାରନ୍ତି, ବିଗତଘଟଣାରୁ ବ୍ୟସ୍ତତା, ସମ୍ପର୍କ ତୁଟିଯିବ, ବିଦେଶଯାତ୍ରାର ସୁଯୋଗ ॥

**କୁମ୍ଭ:** ବନ୍ଧୁମିଳନରୁ ଆନନ୍ଦ, ଲେଖାପଢାରେ କୁଶଳ, ଗବେଷଣାରେ ଅଗ୍ରଗତି, ପ୍ରକାଶନରେ ବିଳମ୍ବ, ଡାକ୍ତରଙ୍କ ପରାମର୍ଶ, ସମ୍ପର୍କୀୟଙ୍କ ସହ ମିତ୍ରତା, ପରିବହନରେ ମିତ୍ରତା, ଗବେଷଣାରେ ଅଗ୍ରଗତି, ପରୋକ୍ଷ ଶତ୍ରୁତା ॥

**ମୀନ:** ନୂତନ ଯୋଜନାରମ୍ଭ, ଅର୍ଥପ୍ରାପ୍ତିରେ ବାଧା, କଳାପ୍ରିୟ ହେବେ, ଅପ୍ରିୟ ସତ୍ୟରୁ ବିବାଦ, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ଜମିଜମା କ୍ରୟବିକ୍ରୟ, ଋଣ ପରିଶୋଧ, ଉପରିସ୍ଥଙ୍କ ଅନୁକମ୍ପା, ବିଦେଶଯାତ୍ରାର ସୁଯୋଗ ॥

# ଶରୀର ପାଇଁ ଉପକାରୀ



ରୋଷେଇ ଘରେ ନିତ୍ୟ ବ୍ୟବହୃତ ହେଉଥିବା ଏଭଳି କେତେକ ଖାଦ୍ୟଦ୍ରବ୍ୟ ରହିଛି, ଯାହା ଶରୀରକୁ ସୁସ୍ଥ ରଖିବାରେ ବିଶେଷ ସହାୟକ ହୋଇଥାଏ। ଯେମିତିକି: **ଅଦା-ରସୁଣ:** ଭୋକ ବୃଦ୍ଧି କରାଇବା ସହ ଗ୍ୟାସ୍, ଆର୍ଥ୍ରାଇଟିସ୍, ସ୍ପଣ୍ଡିଲାଇଟ୍ସ, ଥଣ୍ଡା କାଶ ସମସ୍ୟାରୁ ଅଦା ମୁକ୍ତି ଦିଏ। ରସୁଣ କୋଲେଷ୍ଟ୍ରୋଲ୍, ବ୍ଲଡ୍ ପ୍ରେସର୍‌କୁ ନିୟନ୍ତ୍ରଣରେ ରଖେ ଓ ଥଣ୍ଡାଜନିତ ରୋଗରୁ ରକ୍ଷା ଦେଇଥାଏ। **ଲେମ୍ବୁ:** ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପିଇଲେ ଫ୍ରେଶ୍ ଅନୁଭବ ହୁଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା, କୋଲେଷ୍ଟ୍ରୋଲ୍‌କୁ ନିୟନ୍ତ୍ରଣରେ ରଖିବାରେ ବି ସାହାଯ୍ୟ କରିଥାଏ। **ଲବଙ୍ଗ:** କିଛି ଲବଙ୍ଗ ଗୁଣ୍ଡକୁ ପାଣିରେ ଫୁଟାଇ ସେହି ପାଣିକୁ ଉଷୁମ ଉଷୁମ ପିଇଲେ ଗ୍ୟାସ ସମସ୍ୟାରୁ ଶୀଘ୍ର ମୁକ୍ତି ମିଳିବା ସହ ଆସିଡ଼ିଟି ହେବା ବନ୍ଦ ହୋଇଯାଇଥାଏ। ପାଟି ଦୁର୍ଗନ୍ଧ ସମସ୍ୟା, ଆଣ୍ଠୁଗଣ୍ଠି ବିନ୍ଧା ପାଇଁ ବି ଲବଙ୍ଗ ବେଶ୍ ଉପକାରୀ ହୋଇଥାଏ। **ମହୁ:** ଅଦା ରସରେ କିଛି ମହୁ ମିଶାଇ ଖାଇଲେ ଥଣ୍ଡାକାଶରୁ ମୁକ୍ତି ମିଳେ। ଏହା ହିମୋଗ୍ଲୋବିନ୍‌କୁ ବି ବଢ଼ାଇଥାଏ। ଖଣ୍ଡିଆ କିମ୍ବା ପୋଡାଜଳା ସ୍ଥାନରେ ମହୁ ଲଗାଇଲେ ବି ବେଶ୍ ଆରାମ ମିଳେ। **ଡାଲ୍‌ଚିନି:** ଏହା କୋଲେଷ୍ଟ୍ରୋଲ୍ ଓ ବ୍ଲଡ୍ ସୁଗାର୍‌କୁ ନିୟନ୍ତ୍ରଣରେ ରଖିବା ସହ ଓଜନ କମାଇଥାଏ। ମହୁ ସହିତ ଡାଲ୍‌ଚିନି ଗୁଣ୍ଡ ଖାଇଲେ ଆର୍ଥ୍ରାଇଟିସ୍ ରୋଗୀଙ୍କୁ ଅନେକ ଆରାମ ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

## ପାଠକୀୟ

* ଆଈ ମା' କାହାଣୀରୁ କେଶବତୀମାନଙ୍କ କଥା ଶୁଣି ଶୁଣି ସତ ସତିକା ତାଙ୍କୁ ଦେଖିବାର ଇଚ୍ଛା କାହାରା ବା ନଥାଏ। ହେଲେ କାହାଣୀ ନୁହେଁ, ସତରେ ବି ଏମିତି ଅଛନ୍ତି କେଶବତୀ କନ୍ୟାମାନେ, ଯାହାଙ୍କ କଥାକୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'କେଶବତୀଙ୍କ କଥା' ଏକ ସୁନ୍ଦର ଆଲେଖ୍ୟ ଥିଲା। 'କେମିତି ରହିବେ ସୁସ୍ଥ' ଏବଂ 'ନାଚୁରାଲ ଆଣ୍ଟିବାୟୋଟିକ' ଆଦି ପାଠରୁ ଅନେକ ଅଜଣା କଥା ଜାଣିହେଲା।

—ସୁକାନ୍ତି ସ୍ୱାଇଁ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

* ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କେଶବତୀଙ୍କ କଥା' ଏକ ସୁନ୍ଦର ଆଲେଖ୍ୟ ଥିଲା। ଏଥିରୁ ବଡ଼ବଡ଼ କେଶ ରଖିଥିବା କେତେଜଣ ସୁନ୍ଦରୀଙ୍କ ବିଷୟରେ ଜାଣିହେଲା। ସେହିପରି ସେଲିବ୍ରିଟି ସିକ୍ରେଟ୍ ପାଠରୁ ଅଭିନେତ୍ରୀ ଅନୁଭାସୌମ୍ୟାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରୁ ଚିତ୍ରଶିଳ୍ପୀ ଶୁଭ୍ରା ଚାନ୍ଦଙ୍କ ସଫଳ କ୍ୟାରିୟର୍ ବିଷୟରେ ଅନେକ କଥା ଜାଣି ଖୁସି ଲାଗିଲା।

—ଭରତ ପ୍ରଧାନ, ବରମୁଣ୍ଡା, ଭୁବନେଶ୍ୱର

* ସୃଜନ ପୃଷ୍ଠାରେ ସ୍ଥାନିତ 'ସୀତାନାନୀ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି ବର୍ଷା ନାମକ କବିତାଟି ବି ହୃଦୟସ୍ପର୍ଶୀ ଲାଗୁଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ହୋଇଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ଅକ୍ଷୟଙ୍କ ପ୍ରଶଂସାରେ ସାରା', 'କରୀନା ଯାହା ଖୋଜୁଥିଲେ', 'ମାତ୍ର ୫୦୦ ଟଙ୍କା' ଆଦି ପାଠଗଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା।

—ଅଙ୍କିତା ପଟ୍ଟନାୟକ, ତିର୍ତ୍ତୋଲ, ଜଗତସିଂହପୁର

*ଲେଖିକା ତଥା ଆସିଷ୍ଟାଣ୍ଟ କମିଶନର୍ ଅଫ୍ ପୋଲିସ ମାନସୀ ପାତ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଯେମିତି ମନଛୁଆଁ ହୋଇଥିଲା ସେତିକି ପ୍ରେରଣାଦାୟୀ ମଧ୍ୟ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ଲାଗୁଥିଲା। 'ମୁଖା ଦେଇଛି ପରିଚୟ' ଶୀର୍ଷକ ପାଠଟି ବି ଏକ ଶିକ୍ଷଣୀୟ ବିଷୟ ଥିଲା। ମଡେଲ୍ ମିରର୍‌ରେ କେବଲ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ହାଃ ହାଃ ମଧ୍ୟ ଖୁବ୍ ମଜାଦାର୍ ଥିଲା।

—ସୌମିତ୍ରୀ ନାୟକ, ସାମନ୍ତସିଂହାରପୁର, କେନ୍ଦ୍ରାପଡ଼ା

*ବର୍ଷାରେ ଜ୍ୱୋଲିକୋଟ ଗଲେ କ'ଣ କ'ଣ ଦେଖିହେବ ତାହା ସହର ପୃଷ୍ଠାରୁ ଜାଣି ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ବିଷାକ୍ତ ଚଢେଇ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କନିଆ ପିନ୍ଧିଲେ ଗୁପ୍‌ଚୁପ୍ ହାର ଓ ମୁକୁଟ', '୪୨ ଫୁଟ୍‌ର ଲମ୍ବା ନଖ' ଏବଂ 'ମେଣ୍ଢାର ଦାମ୍ କାରରୁ ବେଶୀ' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

—ଲିପିନା ସ୍ୱାଇଁ, ନହରକଣ୍ଟା, ଭୁବନେଶ୍ୱର

### ବିଶେଷ ଚିଠି



କେଶବତୀଙ୍କ କଥା
ଥିଲା ଏକ ନିଆରା ଆଲେଖ୍ୟ।
ସେହିପରି ସୃଜନ ଓ ସିନେମା
ଦେଉଥିଲା ଅନେକ ବାର୍ତ୍ତା।
ରୋଜଗାର ବି ଥିଲା ଖୁବ୍ ଚମତ୍କାର
ତା'ସାଙ୍ଗକୁ ପୁଣି ବିବିଧାର ସମ୍ଭାର।
ସତରେ ଛୁଟିଦିନ ତୁମର କଳନା ନାହିଁ
ଯେତେ ଦେଖୁଥିଲେ ତୁମେ ନୁଆ
ଦିଶୁଥାଇ।

—ସଞ୍ଜୁକ୍ତା ସାମଲ, କୋୟଲ୍ ନଗର, ରାଉରକେଲା

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795




# ପଥ ପ୍ରଦର୍ଶକ

**ଶିଷ୍ୟର ସଫଳତାକୁ ହିଁ କେବଳ ଗୁରୁ ଦକ୍ଷିଣା ବୋଲି ମାନୁଥିବା ଗୁରୁମାନଙ୍କର କଥା ଏଥରର ପ୍ରଚ୍ଛଦରେ...**

ଗୁରୁ ସିଏ, ଯିଏ ଅନ୍ଧକାରରୁ ଆଲୋକକୁ ବାଟ କଢ଼େଇ ନେବା ସହ ଛାତ୍ରକୁ ଠିକ୍ ମାର୍ଗରେ ନେବା ପାଇଁ ପଥପ୍ରଦର୍ଶନ କରିଥାନ୍ତି। ସେ ଶିକ୍ଷା ଗୁରୁ ହୁଅନ୍ତୁ କି ଆଧ୍ୟାତ୍ମିକ ଗୁରୁ ହୁଅନ୍ତୁ ଅବା ପ୍ରଶିକ୍ଷଣ ଦେଉଥିବା ଗୁରୁ। ଗୁରୁ କେବଳ ଗୁରୁ, ଯାହାଙ୍କ ଜୀବନଦର୍ଶନ କେବଳ ଛାତ୍ରଙ୍କୁ ଉତ୍ତମ ମାର୍ଗ ଦର୍ଶନ କରିବା। ଏଠାରେ ସେମିତି କେତେଜଣ ଗୁରୁଙ୍କ କଥା ଯେଉଁମାନେ ଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଦିନରାତି ଏକ କରି ଦେଇଛନ୍ତି। ବଦଳରେ ଗୁରୁ ଦକ୍ଷିଣା ବି ଲୋଡ଼ି ନାହାନ୍ତି। ସେମାନଙ୍କର ଗୋଟିଏ ମାତ୍ର ଲକ୍ଷ୍ୟ ଛାତ୍ରମାନଙ୍କ ଭବିଷ୍ୟତ ଗଢ଼ିବା। ଶିଷ୍ୟର ସଫଳତାକୁ ହିଁ କେବଳ ଗୁରୁ ଦକ୍ଷିଣା ବୋଲି ମାନୁଥିବା ଗୁରୁମାନଙ୍କର କଥା ଏଥରର ପ୍ରଚ୍ଛଦରେ...

**ସୀମାଞ୍ଚଳଙ୍କ ପ୍ରଶିକ୍ଷଣରେ ସେନାରୁ ସେଲିବ୍ରିଟି:** ଦେଶ ସେବା କରିବାର ସ୍ୱପ୍ନ ଦେଖିଥିଲେ ସେ ପିଲାବେଳୁ। ଆଉ ଏହି ସ୍ୱପ୍ନ ବି ତାଙ୍କର ସାକାର ହୋଇଥିଲା। ଭାରତୀୟ ସେନା ବାହିନୀରେ ଜଣେ ଫିଜିକାଲ ଇନଷ୍ଟ୍ରକ୍ଟର ଭାବେ ୨୦ ବର୍ଷ ସେବା ଯୋଗାଇବା ପରେ ୨୦୨୦ ମସିହାରେ ସେ ଅବସର ନିଅନ୍ତି। କିନ୍ତୁ ଅବସର ପରେ ଚୁପ୍ ହୋଇ ବସିଯିବାର ମନ ନ ଥିଲା ତାଙ୍କର। ସେ ଚାହୁଁଥିଲେ ଶେଷ ଜୀବନଯାଏ ଯେମିତି ଦେଶ ପାଇଁ କାମ କରିବେ। ଏମିତି ଭାବିବା ଭିତରେ ତାଙ୍କ ମନକୁ ଆସିଲା, ଅନେକ ଯୁବତୀଯୁବକ ଅଛନ୍ତି; ଯେଉଁମାନେ ସେନାବାହିନୀରେ ଯୋଗଦେବାକୁ ଚାହୁଁଛନ୍ତି କିନ୍ତୁ କୃତକାର୍ଯ୍ୟ ହୋଇପାରୁ ନାହାନ୍ତି। କାରଣ ସଠିକ୍ ପ୍ରଶିକ୍ଷଣର ଅଭାବ ରହୁଛି। ଆଉ ସେଇ ପ୍ରଶିକ୍ଷଣର ଦାୟିତ୍ୱ ସେ ନିଜେ ନେଇଗଲେ। ସେନାରୁ ନିଜେ ଯେଉଁ ଶିକ୍ଷା ଗ୍ରହଣ କରିଥିଲେ ତାକୁ ସେ ପିଲାଙ୍କୁ ଶିଖାଇଲେ। ଇଏ ହେଲେ ବ୍ରହ୍ମପୁର ସହରର ଅବସରପ୍ରାପ୍ତ ସେନା ହାବିଲଦାର ସୀମାଞ୍ଚଳ ବାରିକ। ତାଙ୍କ ମତରେ ଦେଶରେ ପ୍ରତ୍ୟେକ ପରିବାରର ଜଣେ ସଦସ୍ୟ ଭାରତୀୟ ସେନାରେ ଯୋଗଦେଇ ଦେଶ ମାତୃକାର ସେବା କରିବା ନିହାତି ଆବଶ୍ୟକ। ଅନ୍ୟପଟେ ବର୍ତ୍ତମାନ ସମୟରେ ଦେଶରେ ବେକାରି ସମସ୍ୟା ବୃଦ୍ଧି ପାଉଥିବା ବେଳେ ଦକ୍ଷତା ଓ ଯୋଗ୍ୟ ଯୁବତୀ ଯୁବକମାନେ ଉପଯୁକ୍ତ ମାର୍ଗ ଦର୍ଶନ ଅଭାବରୁ ମଧ୍ୟ ଦିଗହରା ହେଉଛନ୍ତି। ଏହିସବୁକୁ ଆଖିରେ ରଖି ସେ ଗଠନ କଲେ ବ୍ରହ୍ମପୁର ଫିଜିକାଲ ଏକାଡେମୀ ; ଯାହା ଏବେ କେବଳ ଆମ ରାଜ୍ୟ କି ଦେଶରେ ନୁହେଁ ବିଦେଶରେ ମଧ୍ୟ ଜଣାଶୁଣା ହେଲାଣି। ଏହି ତାଲିମ ସେଣ୍ଟରରେ ସୀମାଞ୍ଚଳ ମାଗଣାରେ ଫିଜିକାଲ ଟ୍ରେନିଂ ପ୍ରଦାନ କରିଆସୁଛନ୍ତି। ଏହା ସହ ଏହି ତାଲିମ ପ୍ରଶିକ୍ଷଣର ଭିଡିଓ ପ୍ରସ୍ତୁତ କରି ସେ ଏହାକୁ ସାମାଜିକ ଗଣମାଧ୍ୟମ ଯଥା ୟୁଟ୍ୟୁବ, ଫେସବୁକ୍ ଓ ଇନଷ୍ଟାଗ୍ରାମ ମାଧ୍ୟମରେ ଶେୟାର କରି ଅନ୍ୟ ଆଶାୟୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସିଧାସଳଖ ନ ହେଲେ ବି ଶିକ୍ଷା ଦେଇପାରୁଛନ୍ତି। ପ୍ରଥମେ ଏହି ଏକାଡେମୀ ଆରମ୍ଭ ହୋଇଥିଲା ୨୦୨୦ ମସିହା ଜୁଲାଇ ମାସରେ। ପ୍ରଥମେ ସହରର ମାତ୍ର ୨୦ ଜଣ ଯୁବକଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଏକାଡେମୀର ବର୍ତ୍ତମାନ ୟୁଟ୍ୟୁବରେ ୧.୩ ମିଲିୟନ ଫଲୋଅର୍ସ ଅଛନ୍ତି। ପ୍ରତିଦିନ ସେ ଏମ୍‌କେସିଜି ଖେଳପଡ଼ିଆରେ ସକାଳ ୫.୩୦ରୁ ୮.୩୦, ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧ ଓ ଅପରାହ୍ନ ୪.୩୦ରୁ ୬.୩୦ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଫିଜିକାଲ ଟ୍ରେନିଂ ପ୍ରଦାନ କରିଥାନ୍ତି। ବର୍ତ୍ତମାନ ସମୟରେ ନିୟମିତ ଭାବେ ବ୍ରହ୍ମପୁର ଫିଜିକାଲ ଏକାଡେମୀରେ ଭାରତୀୟ ସେନା, ଅଗ୍ନିଯୋଦ୍ଧା, ପୋଲିସ ସମେତ ଅନ୍ୟ ଡିଫେନ୍ସ ସେକ୍ଟରରେ ନିଯୁକ୍ତି ଆଶାୟୀ ଥିବା ୫୦୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ପୂର୍ବାହ୍ନ ଓ ୨୦୦ରୁ ଊର୍ଦ୍ଧ୍ୱ ଅପରାହ୍ନ ବ୍ୟାଚରେ ତାଲିମ ନେଉଛନ୍ତି। ଏହି ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଓଡ଼ିଶାର ଯାଜପୁର, ସମ୍ବଲପୁର, ବରଗଡ଼, ଖୋର୍ଦ୍ଧା ସମେତ ବାହାର ରାଜ୍ୟ ଯେମିତି କି ବିହାର, ବମ୍ବେ, ଦିଲ୍ଲୀରୁ ମଧ୍ୟ ପ୍ରଶିକ୍ଷାର୍ଥୀମାନେ ଆସୁଛନ୍ତି। ଏଠାରେ ସେନା ତାଲିମ ବାଦ୍ ମଧ୍ୟ ମାଗଣା ୱେଟଲସ୍ ଟ୍ରେନିଂ ପ୍ରଦାନ କରାଯାଉଛି। ଏହି ଏକାଡେମୀରୁ ଗୋଟିଏ ବର୍ଷ ମଧ୍ୟରେ ପୋଲିସ, ବିଏସ୍‌ଏଫ୍,ଭାରତୀୟ ବାୟୁସେନା, ସ୍ଥଳସେନା, ନୌବାହିନୀ, ଆସାମରାଇଫଲ୍ସ, ସିଆର୍‌ପିଏଫ୍ ଆଦିରେ ପ୍ରାୟ ୧୦୯ ଜଣ ଯୁବତୀ ଓ ଯୁବକ ନିଯୁକ୍ତି ପାଇସାରିଲେଣି। ୟୁଟ୍ୟୁବ ପକ୍ଷରୁ ତାଙ୍କୁ ଗୋଲ୍ଡେନ ବଟନ ମିଳିସାରିଛି। କେବଳ ଚାକିରି ଆଶାୟୀ ଯୁବପିଢ଼ି ନୁହନ୍ତି, ଏବେ ବଲିଉଡ, ଟଲିଉଡ ଜଗତର ବହୁ ଷ୍ଟାର ମଧ୍ୟ ତାଙ୍କ ନିକଟକୁ ଫିଜିକାଲ ଫିଟନେସ୍ ପାଇଁ ଆସୁଛନ୍ତି। ବତୀଗୁଲ ମଟର ଚାଲୁ, ରୁସ୍ତମ ଫିଲ୍ମର ସ୍କ୍ରିପ୍ଟ ଡାଇରେକ୍ଟର ବୁପୁଲ କେ. ରାୱଲ,

→



ସୀମାଞ୍ଚଳ ବାରିକ





ଏକଲବ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ଛାତ୍ରଙ୍କୁ ସମ୍ବର୍ଦ୍ଧନା


ଛାତ୍ରଙ୍କ ସହ ବିଜୟ କୁମାର ପଣ୍ଡା

ବାଂଲାଦେଶୀ ଅନ୍ତର୍ଜାତୀୟ ମହିଳା କ୍ରିକେଟର ଶେଖ ଅକ୍ତର ମେଘଲା, ତାମିଲ ସୁପର ଷ୍ଟାର ରାମ ବୁଗାତିଙ୍କ ସମେତ ଅନ୍ତର୍ଜାତୀୟ ମାଷ୍ଟର ସେଫ ରିପୁଦମନ ମଧ୍ୟ ବ୍ରହ୍ମପୁରରେ ପହଞ୍ଚି ଫିଟନେସ ତାଲିମ ଗ୍ରହଣ କରିଛନ୍ତି। ଏବେ ଏହି ଫିଜିକାଲ ଏକାଡେମୀରେ ନ୍ୟୁଜିଲାଣ୍ଡର ଜଣେ ପ୍ରଶିକ୍ଷାର୍ଥୀ ଅଛନ୍ତି। ସୀମାଞ୍ଚଳଙ୍କର ଏକମାତ୍ର ଲକ୍ଷ୍ୟ ଦେଶକୁ ଅଧିକରୁ ଅଧିକ ଯବାନ ଦେବା।

**‘ଭରସା’ ପାଲଟିଛି ସଭିଙ୍କ ଭରସା:** ପ୍ରତିଦିନ ସକାଳ ୫ଟା ଭିତରେ ସେ ପହଞ୍ଚି ଯାଆନ୍ତି ନିକୋ ପାର୍କରେ। ଠିକ୍ ସାଢେ ୫ରେ ଆରମ୍ଭ ହୁଏ ପ୍ରଶିକ୍ଷଣ। ନିକୋ ପାର୍କରୁ ଗଭର୍ନର ହାଉସ୍, ସେଠାରୁ ଏଜି, ପୁଣି ଏଜିରୁ ନିକୋ ପାର୍କକୁ ଦୌଡ଼। ପରେ ପରେ ଲଙ୍ଗଜମ୍ପ ଆଦି ଅନ୍ୟାନ୍ୟ ପ୍ରଶିକ୍ଷଣ ଯାହା ଚାଲେ ୮ଟା ପର୍ଯ୍ୟନ୍ତ। ୪୦ରୁ ୫୦ ଜଣ ପିଲା ପ୍ରଶିକ୍ଷଣ ନେଉଥାନ୍ତି। ଆଉ ଯିଏ ପ୍ରଶିକ୍ଷଣ ଦେଉଥାନ୍ତି ସେ ହେଲେ ୭୦ ବର୍ଷୀୟ ଗୋପୀନାଥ ସେଠୀ। ୨୦୦୨ ମସିହାରୁ ସେ ସୈନ୍ୟ ବିଭାଗ ଓ ପୋଲିସବାହିନୀରେ ଯୋଗ ଦେବାକୁ ଚାହୁଁଥିବା ଆଶାୟୀ ପ୍ରାର୍ଥୀମାନଙ୍କୁ ବିନା ପାରିଶ୍ରମିକରେ ପ୍ରଶିକ୍ଷଣ ଦେଇଆସୁଛନ୍ତି। ତାଙ୍କ ପ୍ରଶିକ୍ଷଣରେ ପ୍ରାୟ ୪୦୦୦ରୁ ଉର୍ଦ୍ଧ୍ୱ ପିଲା ଏବେ ଭାରତୀୟ ସେନାବିଭାଗ ସହ ପୋଲିସ ବିଭାଗରେ ନିଯୁକ୍ତି ପାଇସାରିଛନ୍ତି।

ଆରମ୍ଭରୁ ଗୋପୀନାଥଙ୍କର ଦୌଡ଼ିବାରେ ଖୁବ୍ ଆଗ୍ରହ ଥିଲା। ସେ ଯେତେବେଳେ ଓଡ଼ିଶା ଫାଇନାନ୍ସ ବିଭାଗରେ କାମ କରୁଥିଲେ ଭାରତର ୮ଟି ଷ୍ଟାଡିୟମରେ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ଏହାସହ ରାଜ୍ୟରେ ଆୟୋଜିତ ପ୍ରତିଟି ମାରାଥନ୍‌ରେ ଭାଗ ନେଇ ପୁରସ୍କୃତ ହୁଅନ୍ତି। ପ୍ରତିଦିନ ସକାଳେ କଳିଙ୍ଗ ଷ୍ଟାଡ଼ିୟମ ଯାଇ ଦୌଡ଼ିବା ତାଙ୍କ ଅଭ୍ୟାସ। ସେଠାକୁ ନିଯୁକ୍ତି ଆଶାୟୀ ପ୍ରାର୍ଥୀମାନେ ବି ଦୌଡ଼ିବାକୁ ଆସନ୍ତି। ସେଇ ସମୟରେ ଗୋପୀନାଥ ସେମାନଙ୍କୁ ଶାରୀରିକ ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରୁଥିଲେ। ଯେଉଁଥିରେ ୫୦୦୦ ମିଟର ଦୌଡ଼ ୧୬ଶହ ମିଟର ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଦଉଡ଼ି ଡିଆଁ, ବାଲିବସ୍ତା ବୋହିବା, ସାଇକେଲ ଚାଳନା ଆଦି ବିଭିନ୍ନ ପ୍ରକାରର ଶାରୀରିକ ପ୍ରଶିକ୍ଷଣ ରହିଥାଏ। ଏଇ ପିଲାମାନଙ୍କ ମଧ୍ୟରୁ ପ୍ରଥମ ଥର ୨୦୦୨ ମସିହାରେ ୮୬ ଜଣ ସେନା ବିଭାଗରେ ନିଯୁକ୍ତି ପାଆନ୍ତି। ଏହାପରେ ଗୋପୀନାଥଙ୍କ ଭିତରେ ଆତ୍ମବିଶ୍ୱାସ ଦୃଢ଼ ହୁଏ ଯେ, ସେ ପ୍ରଶିକ୍ଷଣ ଦେଇପାରିବେ। ଏହାପରେ ୨୦୦୭ ମସିହାରେ ତାଙ୍କର ଏକମାତ୍ର ପୁତ୍ର ରେଲୱେରେ ଲିଖିତରେ କୃତକାର୍ଯ୍ୟ ହେବାପରେ ଶାରୀରିକ ଦକ୍ଷତା ପାଇଁ ଦୌଡୁଥିବା ସମୟରେ ହୃଦ୍‌ଘାତରେ ମୃତ୍ୟୁବରଣ କରନ୍ତି। ପୁଅର ମୃତ୍ୟୁ ପରେ ଖୁବ୍ ଭାଙ୍ଗିପଡ଼ନ୍ତି ଗୋପୀନାଥ। ହେଲେ ନିଷ୍ପତ୍ତି ନିଅନ୍ତି ଗୋଟିଏ ପୁଅ ସିନା ନିଯୁକ୍ତି ପାଇବା ପୂର୍ବରୁ ଚାଲିଗଲା, ଏବେ ହଜାର ହଜାର ପୁଅଙ୍କୁ ସେ ନିଯୁକ୍ତି କ୍ଷେତ୍ରରେ ସାହାଯ୍ୟ କରିବେ। ସେଇଠୁ ଆରମ୍ଭ ହେଲା ତାଙ୍କର ବିଧିବଦ୍ଧ ପ୍ରଶିକ୍ଷଣ ; ଯାହାର ନାଁ ଦେଲେ ‘ଭରସା’। ତାଙ୍କରି ପ୍ରଶିକ୍ଷଣରୁ ପ୍ରତିବର୍ଷ ପାଖାପାଖି ୧୦୦ଜଣ ପିଲା ନିଯୁକ୍ତି ପାଉଛନ୍ତି। ଦେଖିଲେ ଲାଗେ ବୟସ ଯେମିତି ଗୋପୀନାଥଙ୍କ ପାଖରେ ହାର୍ ମାନିଛି। ଭୋର ୪ଟାରୁ ଉଠି ୫ଟା ସୁଦ୍ଧା ସେ ପ୍ରଶିକ୍ଷଣ ସ୍ଥାନରେ ପହଞ୍ଚି ଯାଆନ୍ତି। ଆଗରୁ କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ଦେଉଥିଲେ। କିନ୍ତୁ ତାହା ବନ୍ଦ ହେବାପରେ ଏବେ ନିକୋ ପାର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ଏମିତି କୌଣସି ଦିନ ନାହିଁ ଯେଉଁଦିନ ସେ ପ୍ରଶିକ୍ଷଣ ଦେବା ପାଇଁ ଆସି ନାହାନ୍ତି। ଦେହ ଖରାପ ହେଲେ ବି ସେ ଆସନ୍ତି। ଗୋପୀନାଥ କୁହନ୍ତି, ଦେହ ଖରାପ ଗୋଟେ କ’ଣ, ପିଲାଙ୍କୁ ଶିଖାଇବା ଭିତରେ ଦେହ ଆପେ ଆପେ ଠିକ୍ ହୋଇଯାଏ। ତେଣୁ ପ୍ରଶିକ୍ଷଣ ବନ୍ଦର ପ୍ରଶ୍ନ ଉଠୁନି। ଗୋପୀନାଥଙ୍କ ପ୍ରଶିକ୍ଷଣ ଶିବିରକୁ କେବଳ ଓଡ଼ିଶା ନୁହେଁ, ଓଡ଼ିଶା ବାହାରର ପିଲା ମଧ୍ୟ ଆସୁଛନ୍ତି। ତାଙ୍କର ଗୋଟିଏ ଲକ୍ଷ୍ୟ ପିଲାଙ୍କ ଭବିଷ୍ୟତ ଗଢ଼ିବା, ଯେଉଁଥିପାଇଁ ସେ କାହାରିଠାରୁ କେବେ ଟଙ୍କାଟିଏ ବି ନିଅନ୍ତି ନାହିଁ। ତାଙ୍କର ଏହି ମହତ୍ କାର୍ଯ୍ୟ ପାଇଁ ସେ ଗୁରୁଦ୍ରୋଣାଚାର୍ଯ୍ୟ, ଏକଲବ୍ୟ, ଗୌରିଶଙ୍କର ପରି ଅନେକ ପୁରସ୍କାର ଓ ସମ୍ମାନ ପାଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କଠାରୁ ବରପୁତ୍ର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତେବେ ତାଙ୍କର ଗୋଟିଏ ମାତ୍ର ଇଚ୍ଛା ଜୀବନର ଶେଷଯାଏ ପିଲାମାନଙ୍କୁ ଏମିତି ପ୍ରଶିକ୍ଷଣ ଦେଉଥିବେ।

**ସଫଳତା ରାସ୍ତାରେ ଏକଲବ୍ୟ :** ସେ ଭଲ ପାଆନ୍ତି ଗାଁକୁ ଆଉ ଗାଁର ପିଲାମାନଙ୍କୁ। ସେଇଥିପାଇଁ ନିଜ ଗାଁର ଶିକ୍ଷିତ ଯୁବକମାନେ ବେକାର ହୋଇ ବୁଲିବା, ତାସ ଖେଳିବା ଦେଖିଲେ ତାଙ୍କୁ ଜମା ଭଲ ଲାଗୁ ନ ଥିଲା। ଶାରୀରିକ ଦକ୍ଷତା ଥିବା ସତ୍ତ୍ୱେ ପିଲାମାନଙ୍କ ଚାକିରି ପାଇଁ ଆବେଦନ କରି ବାରମ୍ବାର ଅକୃତକାର୍ଯ୍ୟ ହେବା ତାଙ୍କୁ ଚିନ୍ତାରେ ପକାଇଥିଲା। ଭାବୁଥିଲେ କ’ଣ କରିପାରିବେ ପିଲାମାନଙ୍କ ପାଇଁ। ଶେଷରେ ତାଙ୍କର ଏହି ଭାବନା ରୂପ ନେଇଥିଲା ପ୍ରଶିକ୍ଷଣ ଶିବିର ‘ଏକଲବ୍ୟ’ ରୂପରେ। ଯେଉଁଠୁ ପ୍ରଶିକ୍ଷଣ ପାଇଁ ଏବେ ପିଲାମାନେ ଭାରତୀୟ ସେନା ଓ ପୋଲିସର ବିଭିନ୍ନ ବିଭାଗରେ କାର୍ଯ୍ୟରତ। ଆଉ ଯାହାଙ୍କ ପ୍ରଚେଷ୍ଟାରେ ଏହି ଏକଲବ୍ୟ ଅନୁଷ୍ଠାନ ଗଢ଼ିଉଠିଛି। ସେ ହେଲେ ବିଜୟ କୁମାର ପଣ୍ଡା। ଘର କଟକ ଜିଲା ନରସିଂହପୁର ବ୍ଲକର ନରସିଂହପୁର ଗାଁରେ। ସମାଜ ସେବାରେ ରୁଚି ରଖିଥିବା ବିଜୟଙ୍କ ପ୍ରଚେଷ୍ଟାରେ ଏହି ଏକଲବ୍ୟ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା ୨୦୧୭ ମସିହା ମାର୍ଚ୍ଚ ୨୨ତାରିଖରେ। ୫୦ଜଣ ଛାତ୍ରଙ୍କୁ ନେଇ ଗଢ଼ା ହୋଇଥିଲା ଏହି ଅନୁଷ୍ଠାନ। ବିଶେଷକରି ସୈନ୍ୟବାହିନୀ ବା ପୋଲିସବିଭାଗରେ ଚାକିରି କରିବାକୁ ଆଗ୍ରହୀ ଥିବା ଯୁବତୀଯୁବକମାନେ ହିଁ ଏଠାରେ ପ୍ରଶିକ୍ଷଣ ପାଇଁ ଯୋଗ ଦିଅନ୍ତି। ପିଲାମାନଙ୍କୁ ଟ୍ରେନିଂ ପୂର୍ବରୁ ଟ୍ରାକସୁଟ, ବୁଟ ଆଦି ଦିଆଯାଏ। ଶାରୀରିକ ପ୍ରଶିକ୍ଷଣ ସହିତ ଲିଖିତ ପରୀକ୍ଷା ପାଇଁ ମଧ୍ୟ ଟ୍ରେନିଂ ଦିଆଯାଏ। ଶାରୀରିକ ଶିକ୍ଷା ପାଇଁ ଦୁଇଜଣ ଖେଳ ଶିକ୍ଷକ ଥିବାବେଳେ ଲିଖିତ ପରୀକ୍ଷା ପାଇଁ ଚାରିଜଣ ଶିକ୍ଷକ ଅଛନ୍ତି। ନରସିଂପୁରର ବଡପଡିଆ ଠାରେ ସକାଳ ୬ଟାରୁ ଆରମ୍ଭ ହୋଇଯାଏ ପ୍ରଶିକ୍ଷଣ। ସକାଳ ୬ଟାରୁ ୮ଟା ଯାଏ ଶାରୀରିକ ଶିକ୍ଷା ପାଇଁ ଆଉ ୯ରୁ ୧୧ଟା ଲିଖିତ ପରୀକ୍ଷା ପାଇଁ ପ୍ରଶିକ୍ଷଣ ଦିଆଯାଏ। ନରସିଂହପୁରର ଚୁଡା ନୟାଗଡ, ଅନୁଗୋଳ, ଢେଙ୍କାନାଳ ଓ କଟକ ଆଦିରୁ ପିଲାମାନେ ଏଠାକୁ ପ୍ରଶିକ୍ଷଣ ନେବା ପାଇଁ ଆସୁଛନ୍ତି। ଏହି ଏକଲବ୍ୟ ପ୍ରଶିକ୍ଷଣ କେନ୍ଦ୍ରରୁ ୨୦୧୮ରୁ ୧୯ ମଧ୍ୟରେ ୨୩ ଜଣ ଛାତ୍ର ଭାରତୀୟ ସୈନ୍ୟ ବିଭାଗ ଓ ଓଡ଼ିଶା ପୋଲିସ ବିଭାଗରେ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ହେଲେ ଅନିଲ ଅତିବୁଦ୍ଧି। ଅନିଲଙ୍କର ଖୁବ୍ ଛୋଟବେଳୁ ସୈନ୍ୟ ବିଭାଗରେ କାମ କରିବାର ଇଚ୍ଛା ଥିଲା। ଛୋଟ ଥିବାବେଳେ ତାଙ୍କ ବାପାଙ୍କର ଦେହାନ୍ତ ହୋଇ ଯାଇଥାଏ। ଘରେ ମା’ ଓ ସାନଭଉଣୀ। ଯୁକ୍ତ୩ପ୍ରଥମ ବର୍ଷରେ ପଢ଼ିବାବେଳେ ସେ ଏକଲବ୍ୟକୁ ଆସିଥିଲେ। ଏବେ ସେ ପାକିସ୍ତାନ ବର୍ଡରରେ କାର୍ଯ୍ୟରତ। ସେ କୁହନ୍ତି, ‘ଆଜି ମୁଁ ସେନାବାହିନୀରେ ଯୋଗ ଦେଇପାରିଛି ବିଜୟ ସାରଙ୍କ ଯୋଗୁ। ଅନିଲଙ୍କ ପରି ଅନ୍ୟ ଛାତ୍ରମାନେ ମଧ୍ୟ ଏକଲବ୍ୟ ଅନୁଷ୍ଠାନ ଓ ବିଜୟ ସାରଙ୍କ ପାଖେ ଋଣୀ ବୋଲି ସ୍ୱୀକାର କରନ୍ତି। ଏ ସମ୍ପର୍କରେ ବିଜୟ ପଣ୍ଡା କୁହନ୍ତି, ‘ମୋର ଏକମାତ୍ର ଇଚ୍ଛା କେମିତି ଅଧିକରୁ ଅଧିକ ସଫଳତା ପାଆନ୍ତୁ ଏକଲବ୍ୟର ପିଲାମାନେ। ଏଇ ନିକଟରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ। ମୋର ଇଚ୍ଛା ୫୦ ଜଣ ଛାତ୍ରଙ୍କୁ ନେଇ ଆରମ୍ଭ କରିଥିବା ଏକଲବ୍ୟ ପ୍ରଶିକ୍ଷଣ କେନ୍ଦ୍ର ପାଞ୍ଚଶହ ଛାତ୍ରଙ୍କ ପ୍ରଶିକ୍ଷଣ ଦାୟିତ୍ୱ ନେଉ।

**ଏଠି ଗୁରୁ ସାଜିଛନ୍ତି ଯବାନ:** ବାଲେଶ୍ୱର ଜିଲା ଖଇରା ସମେତ ବିଭିନ୍ନ ବ୍ଲକର ଆଶାୟୀ ଯୁବତୀ ଯୁବକମାନେ କିଭଳି ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ପାଇବେ ସେହି ଲକ୍ଷ୍ୟରେ ଖଇରା ଅଞ୍ଚଳରେ ୨୦୨୧ ଜାନୁୟାରୀ ୨୬ତାରିଖରେ ଗଢି ଉଠିଥିଲା କଳିଙ୍ଗ ଉତ୍କଳ ଡିଫେନ୍ସ ଏକାଡେମୀ। ସେନାରେ କାର୍ଯ୍ୟରତ କେତେକ ଯବାନ ଖଇରା ବ୍ଲକର ନୟାଖଣ୍ଡି ସ୍କୁଲ ପଡିଆରେ ତାଲିମ ଦେବା ଆରମ୍ଭ କରିଥିଲେ। ଅଦଳବଦଳ କରି ଛୁଟିରେ ଘରକୁ ଆସି ସେମାନେ ଏହି ତାଲିମ ପ୍ରଦାନ କରିଥାନ୍ତି। ଏଠାରେ ସେମାନେ ଲିଖିତ, ଶାରୀରିକ ଓ ମୌଖିକ ପରିକ୍ଷା ପାଇଁ ପିଲାଙ୍କୁ ପ୍ରସ୍ତୁତ କରିଥାନ୍ତି। ବର୍ତ୍ତମାନ ଏଠାରେ ୬୦ରୁ ଅଧିକ ଯୁବତୀ ଯୁବକ ପ୍ରଶିକ୍ଷଣ ନେଉଛନ୍ତି। କରୋନା ମହାମାରୀ ଯୋଗୁଁ ନିଯୁକ୍ତି ପ୍ରକ୍ରିୟା କଟକଣା ସତ୍ତ୍ୱେ ଷ୍ଟାଫ ସିଲେକ୍ସନରେ ୨ଜଣ ଯୁବକ ନିଯୁକ୍ତି ପାଇଁ ଶେଷ ସୋପାନରେ ପହଞ୍ଚିଥିବା ବେଳେ ଜଣେ ଫରେଷ୍ଟ ଗାର୍ଡ ପାଇଁ ଲିଖିତ ପରୀକ୍ଷା ପରେ ଶାରୀରିକ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଛନ୍ତି। ଏହି ଅନୁଷ୍ଠାନକୁ ପ୍ରଥମେ ୪ଜଣ ଯବାନ ଓ ୨ଜଣ ସ୍ଥାନୀୟ ଶିକ୍ଷିତ ଯୁବକ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ୧୧ ଯବାନ ଏହି କାର୍ଯ୍ୟକୁ ବିନା ପାରିଶ୍ରମିକରେ କରୁଛନ୍ତି। କେବଳ ଯବାନ ନୁହନ୍ତି ତାଙ୍କ ପତ୍ନୀମାନେ ମଧ୍ୟ ସଂଗଠନକୁ ମଜଭୁତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଯେଉଁଥିପାଇଁ ସୋମନେ ଏହି ସଂଗଠନକୁ ଟ୍ରଷ୍ଟ ଅଧୀନକୁ ଆଣିଛନ୍ତି ; ଯେଉଁମାନଙ୍କ ମଧ୍ୟରେ ପ୍ରୀତିମଞ୍ଜରୀ ମହାନ୍ତି, ମଧୁସ୍ମିତା ବିନ୍ଧାଣୀ, ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରୁଛନ୍ତି। ବର୍ତ୍ତମାନ ସୋର, ବାଲେଶ୍ୱର ଏବଂ ବାରିପଦା ଭଳି ସୁଦୂର ଅଞ୍ଚଳରୁ ଶିକ୍ଷିତ ଯୁବତୀ ଯୁବକମାନେ ଆଗ୍ରହୀ ହୋଇ ଖଇରାରେ ଆସି ତାଲିମ ନେଉଛନ୍ତି। ଅଗ୍ନିବୀର ଯୋଜନାରେ ଆଗାମୀ ପରୀକ୍ଷାରେ ଅତିକମ୍‌ରେ ୪୦ଜଣ କୃତକାର୍ଯ୍ୟ ହେବେ ବୋଲି ତାଲିମ ଦେଉଥିବା ଏହି ଯବାନମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସତରେ ଆଜିକା ସମୟରେ ଯେଉଁଠି ଶିକ୍ଷା ବି ଏକପ୍ରକାର ବ୍ୟବସାୟ ହୋଇଗଲାଣି ସେଠାରେ ଏମାନେ ଏମିତି ବି ଗୁରୁ ଯିଏ ଗୁରୁ ଦକ୍ଷିଣାରେ ବିଶ୍ୱାସ କରନ୍ତିନି। ଏମାନଙ୍କ ପାଇଁ ଗୁରୁଦକ୍ଷିଣାର ଅର୍ଥ କେବଳ ଶିଷ୍ୟର ସଫଳତା।

– ରୋଜାଲିନ୍ ମହାନ୍ତି
ତନୁଶ୍ରୀ ନାହାକ, ଉତ୍କଳବନ୍ଧୁ ପଣ୍ଡା



ଉତ୍କଳ ଡିଫେନ୍ସ ଏକାଡେମୀରେ ପ୍ରଶିକ୍ଷଣ


ଗୋପିନାଥ ସେଠୀ







# ୱାଟରପ୍ରୁଫ୍ ଫୁଟୱେର୍









**ଡିଜାଇନର୍ ଫୁଟୱେର ପିନ୍ଧିବା ସମସ୍ତଙ୍କର ପସନ୍ଦ। ପୋଷାକ ଅନୁସାରେ ବି ଅନେକେ ଫୁଟୱେର ପସନ୍ଦ କରନ୍ତି। ହେଲେ ଏମିତି ଫୁଟୱେର ପସନ୍ଦ କରିବା ଭଲ, ଯାହା ଷ୍ଟାଇଲିସ୍ ଲାଗିବା ସହ ଅଦିନିଆ ବର୍ଷା ବା କୌଣସି କାରଣରୁ ଓଦା ହୋଇଗଲେ ବି ଯେମିତି ଖରାପ ହେବ ନାହିଁ...**

* **ଫ୍ଲିପ୍-ଫ୍ଲପ:** ଏହି ଫୁଟୱେର୍ ଯେମିତି କମ୍ଫର୍ଟେବୁଲ ସେମିତି ଲଙ୍ଗଲାଷ୍ଟିଂ। ଆଉ ୱାଟରପ୍ରୁଫ୍ ହୋଇଥିବାରୁ ଯେଉଁଠିକୁ ଗଲେ ବି ଏହାକୁ ଆରାମରେ ପିନ୍ଧିପାରିବେ। ଏହାର ଅନେକ ଟ୍ରେଣ୍ଡି ଡିଜାଇନ୍ ଅଛି, ଯାହା ପାଦକୁ ସୁନ୍ଦର ଲୁକ୍ ବି ଦେଇଥାଏ। ସବୁଠୁ ବଡ଼ କଥା ହେଉଛି, ଏହି ଷ୍ଟାଇଲ୍‌ର ଫୁଟୱେର୍‌କୁ ଯେ କୌଣସି ଆଉଟ୍‌ଫିଟ୍ ସହ ଆରାମରେ ପିନ୍ଧାଯାଇପାରେ। ଖାସ୍‌କରି ସର୍ଟ୍ସ କିମ୍ବା ଜିନ୍ସ ସହ ଏହାକୁ ପେୟାର କଲେ ଭଲ ମାନିଥାଏ।

* **କ୍ରକ୍ସ:** ଏହାକୁ ପିନ୍ଧିଲେ ପାଦକୁ ବେଶ୍ ହାଲ୍‌କା ଲାଗିଥାଏ। ତା'ଛଡ଼ା ଏଥିରେ ଥିବା କଣା କଣା ଡିଜାଇନ୍ ଯୋଗୁ ପାଦରେ ପବନ ବାଜିବାରେ ସହଜ ହୋଇଥାଏ। ଫଳରେ ଏହି ଫୁଟ୍‌ୱେର ଓଦା ହୋଇଗଲେ ବି ଶୀଘ୍ର ଶୁଖିଯାଏ। ଏହା ଦେଖିବାକୁ ଖୁବ୍ ଟ୍ରେଣ୍ଡି ମଧ୍ୟ।

* **ଫ୍ଲୋଟର୍ସ:** ଅଲ୍‌ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଏହି ଫୁଟ୍‌ୱେର। ଏହାର ଡିଜାଇନ୍ ଏଭଳି ହୋଇଥାଏ ଯେ, ତାହାକୁ ଓଦା ରାସ୍ତାରେ ପିନ୍ଧି ଚାଲିଲେ ବି ପାଦ ସହଜରେ ସ୍ଲିପ୍ କରେ ନାହିଁ କିମ୍ବା ଏହା ପାଦରୁ ବାରମ୍ବାର ବାହାରି ଯାଇ ନ ଥାଏ।

* **ଗମ୍‌ବୁଟ୍:** ଏହି ବୁଟ୍‌ର ଲମ୍ବା ପ୍ରାୟତଃ ଆଣ୍ଠୁ ପର୍ଯ୍ୟନ୍ତ ରହିଥାଏ। ଫଳରେ ବର୍ଷାଦିନେ ଏହାକୁ ପିନ୍ଧିଲେ ପାଦ ସହଜରେ ଓଦା ହୁଏନାହିଁ। ତା'ଛଡ଼ା ଏହା ଲଙ୍ଗ ଲାଷ୍ଟିଂ ମଧ୍ୟ କରିଥାଏ। ଏହି ଫୁଟ୍‌ୱେର୍ ବିଭିନ୍ନ ରଙ୍ଗରେ ମଧ୍ୟ ମାର୍କେଟ୍‌ରେ ଉପଲବ୍ଧ ହୋଇଥାଏ।

* **ଜେଲି ସୁ:** ସ୍ୱତନ୍ତ୍ର ପିଭିସି ପ୍ଲାଷ୍ଟିକ୍ ଦ୍ୱାରା ପ୍ରସ୍ତୁତ ହେଉଥିବା ଜେଲି ସୁ ବର୍ଷାଦିନେ ପିନ୍ଧିବା ପାଇଁ ଏକ ଭଲ ଅପ୍ସନ ହୋଇଥାଏ। ଏହା ଭଲ ଲାଷ୍ଟିଂ ବି କରିଥାଏ। ବିଭିନ୍ନ ପ୍ରକାରର ଷ୍ଟାଇଲିଶ୍ ଡିଜାଇନ୍‌ରେ ଆସୁଥିବା ଏହି ଜେଲି ସୁ କୁ ଯେ କୌଣସି ଆଉଟ୍‌ଫିଟ୍ ସହ ମଧ୍ୟ ମ୍ୟାଚିଂ କରି ପିନ୍ଧାଯାଇପାରେ।










# ସେବାରୁ ମିଳୁଛି ସନ୍ତୋଷ












ସରକାରୀ ଚାକିରିପ୍ରତି ମନ ନ ବଳାଇ ଜଣେ ଚିକିତ୍ସକଭାବେ ରୋଗୀଙ୍କୁ ଚିକିତ୍ସା କରିବା ସହିତ ସମାଜସଂସ୍କାର କାର୍ଯ୍ୟରେ ସର୍ବଦା ସେ ନିୟୋଜିତ ରହିଥାନ୍ତି। କେବଳ ସେ ଜଣେ ଚିକିତ୍ସକ ନୁହନ୍ତି ବରଂ ଏକାଧାରରେ ଜଣେ ନାଟ୍ୟକାର, ଗାୟକ, ଶିକ୍ଷାବିତ୍ ଓ ସମାଜସେବୀ। ଏଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର। ସେ ହେଲେ ଡାକ୍ତର ସୁରେନ୍ଦ୍ରନାଥ ଦାସ। ଜନ୍ମ ୧୭।୧୧।୧୯୫୨ରେ। ପିତା –ଲକ୍ଷ୍ମୀଧର ଦାସ, ମାତା ଶଶିରେଖା। ଘର ଖୋର୍ଦ୍ଧା ଜିଲାର ବାଣପୁର ବ୍ଲକ ଆୟତପୁର ପଞ୍ଚାୟତ ଅଧୀନ ତୋଟା ଗ୍ରାମରେ। ସେ କୁହନ୍ତି, ମା' ବାପାଙ୍କର ମୁଁ ସାନପୁଅ। ମୋର ପ୍ରାଥମିକ ପାଠପଢା ଗାଁ ସ୍କୁଲରେ ହୋଇଥିଲା। ସମୟକ୍ରମେ ଗମ୍ଭାରିମୁଣ୍ଡା ୟୁପି ସ୍କୁଲ ଏବଂ ପତିତପାବନ ବାଣୀମନ୍ଦିର ଗମ୍ଭାରୀମୁଣ୍ଡାରେ ଏକାଦଶ ଏବଂ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ +୨ବିଜ୍ଞାନ ପଢାସାରି ବ୍ରହ୍ମପୁର କୃଷ୍ଣଚନ୍ଦ୍ର ଭେଷଜ ମହାବିଦ୍ୟାଳୟରେ ଏମ୍‌ବିବିଏସ୍ ପଢ଼ିଲି । ୧୯୭୬ ମସିହାରେ ଏମ୍‌ବିବିଏସ୍ ଶିକ୍ଷାରେ ଡିଗ୍ରୀ ହାସଲ କରିଥିଲି। କୋଲକାତାରେ ଏମ୍‌ଡି କଲି। ପିଏଚ.ଡି ଆଇ.ବି.ଏ.ଏମ୍ ଓପନ ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟିରେ। ଡିଏସ୍‌ସି, ଏବଂ ପିଏଚ.ଡ଼ି ହନରାରି ସେର୍ବୋଗା ୟୁନିଭର୍ସିଟି ଇଟାଲି । କିନ୍ତୁ ବଡ଼ଭାଇ ସୈନ୍ୟ ବାହିନୀରେ ନିଯୁକ୍ତି ପାଇଥିବାରୁ ବାପାମାଆ ଚାହୁଁଥିଲେ ମୁଁ ବି ଦେଶ ପାଇଁ କିଛି କରେ। ସେତେବେଳେ ବାଣପୁର ଅଞ୍ଚଳର କେତେକ ଗାଁରେ ଜ୍ୱର, ଝାଡ଼ା, ବାନ୍ତି ଅନେକ ସମୟରେ ଲାଗି ରହୁଥିଲା। ସେମାନଙ୍କ ଚିକିତ୍ସା ନିମନ୍ତେ କିଛି କରିବାର ଚିନ୍ତା ମନକୁ ଘାରିଲା। ଫଳରେ ତୋଟା ଗ୍ରାମ ନିକଟସ୍ଥ ଗମ୍ଭାରିମୁଣ୍ଡାଠାରେ ଏକ କ୍ଲିନିକ ଖୋଲି ନିଃଶୁଳ୍କରେ ରୋଗୀଙ୍କ ଚିକିତ୍ସା ଆରମ୍ଭ କରିଥିଲି। ମୋ ଚିକିତ୍ସାରେ ରୋଗୀମାନେ ଆରୋଗ୍ୟ ଲାଭ କରିବା ପରେ ସେମାନଙ୍କ ସ୍ନେହ ଶ୍ରଦ୍ଧା ମୋ ପ୍ରତି ବଢିଯାଇଥିଲା। ଏମିତିରେ ଏହି ସେବାକାର୍ଯ୍ୟରେ ମତେ ବେଶି ଆନନ୍ଦ ମିଳୁଥାଏ । ଏଥିପାଇଁ ଅଳ୍ପଦିନ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ମତେ 'ବୁଟୁ'ଡାକତର (ଡାକ ନାମ) ଭାବେ ଲୋକେ ଚିହ୍ନିଲେ। ରୋଗୀସେବାର ଲୋକପ୍ରିୟତା ଯୋଗୁ ବହୁ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହେଲି। ଏପରିକି କେତେକ ଚିକିତ୍ସା ଅନୁଷ୍ଠାନର ସଭ୍ୟ ହେଲି । ସର୍ବଭାରତୀୟ ମେଡିକାଲ ଆସୋସିଏଶନର ଆଜୀବନ ସଦସ୍ୟ ରହିଛି। ୨୦୧୪/୧୮ମସିହାରେ ଗିନିଜ ବିଶ୍ୱ ରେକର୍ଡ ସମ୍ମିଳନୀରେ ଜଣେ ଆଲୋଚକ ଭାବେ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇଛି। ସର୍ବ ଭାରତୀୟ ସ୍ତରରେ ମିଲେନିୟମ ଆୱାର୍ଡ, ହଲ ଅଫ ଫେମ ଆୱାର୍ଡ, କୋଭିଡ୍ ୱାରିଅର ଆୱାର୍ଡ, ଏମିନେଣ୍ଟ ଫିଜିସିଆନ ଆୱାର୍ଡ, ଇଟାଲିର ସେର୍ବୋଗା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ପିଏଚଡି ଆୱାର୍ଡ, ଭାରତୀୟ ଗୌରବ ଓ ଭାରତୀୟ ଜ୍ୟୋତି ଆୱାର୍ଡ, ଜୀବନ ବ୍ୟାପୀ ଡାକ୍ତରୀ ସେବା ପାଇଁ ସର୍ବଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ ପକ୍ଷରୁ ଆୱାର୍ଡ ମିଳିସାରିଛି। ସାରଳା ପ୍ରତିଭାସମ୍ମାନ, ମକରପ୍ରତିଭା ଆଦି ଅନେକ ସମ୍ମାନ ମିଳିପାରିଛି। ଚିକିତ୍ସା ସେବା ସହିତ ଲୋକପ୍ରତିନିଧିଭାବେ ଗାଁରେ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇପାରିଥିବାରୁ ଆତ୍ମସନ୍ତୋଷ ମିଳୁଛି। କିନ୍ତୁ ଡାକ୍ତରୀ ସେବା ଜାରି ରଖିବା ସହିତ ନାଟକ, ସଂଗୀତ ସାଧନା ଜାରି ରହିଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଇଥାଏ। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ନାଟକ ରଚନା କରିଥିବା ବେଳେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ନାଟକର ନିର୍ଦ୍ଦେଶନା ଓ ସଂଗୀତ ସଂଯୋଜନା କରିଛି। ରଚିତ ନାଟକ ମଧ୍ୟରେ 'ସେରକ ପୂରିଲା, ମାଣକ ପୂରିଲା,' 'ଭୁଲ୍ ହୋଇଗଲା ତତେ ଭଲପାଇ' 'ଅଲିଭା ରହିଲା ବାସର ଦୀପ', 'ରତିକନ୍ୟାର ଇତିକଥା', 'ଏଠି ଭଲପାଇବା ପାପ', 'କୋଉଠୁ ଶିଖିଲୁ ତୁ ଏତେ କଥା', 'ବିଧବା ମଥାରେ ପାଟ ପଣତ', 'ଭାଗ୍ୟଯେବେ ସାଜେ ଭଗାରି ତାର' ଏମିତି ଏକାଧିକ ନାଟକ ଆଖପାଖ ଗାଁର ଯାତ୍ରା ମଞ୍ଚରେ ଅଭିନୀତ ହୋଇ ଦର୍ଶକମାନଙ୍କ ସ୍ୱୀକୃତି ଲାଭ କରିଛି। । ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳ ବିଦ୍ୟାର୍ଥୀଙ୍କ ଶୈକ୍ଷିକ ଉନ୍ନତି ପାଇଁ ନିଃଶୁଳ୍କ ବିଦ୍ୟାଦାନ ପାଇଁ ପ୍ରୟାସ କରିଥାଏ। ସ୍ଥାନୀୟ କିଛି ଶିକ୍ଷାପ୍ରେମୀ ଓ ବୁଦ୍ଧିଜୀବୀଙ୍କ ସହ 'ଜ୍ଞାନାଲୋକ' ଆପ ଜରିଆରେ ସ୍ଥାନୀୟ ହାଇସ୍କୁଲ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କ ଉଚ୍ଚ ଶିକ୍ଷା ଲାଭ ଉଦ୍ଦେଶ୍ୟରେ ଉତ୍ସାହିତ କରିବା ସହ ପ୍ରତିବର୍ଷ ଶିକ୍ଷା ବୃତ୍ତି ପ୍ରଦାନ କରିଥାଏ। ଏଥିରେ ସେମାନଙ୍କୁ ଆଗକୁ ବଢିବାରେ ପ୍ରେରଣା ମିଳିଥାଏ। ବିଭିନ୍ନ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ, ସ୍ୱାସ୍ଥ୍ୟ ପରିମଳ ଉପରେ ମାଗଣା ସେବା ଶିବିର ଆୟୋଜନ କରାଇ ଜନସଚେତନତା କରିଥାଏ। ପରିବାରରେ ମୋର ୨ପୁଅ, ବୋହୁ ଓ ପତ୍ନୀ ଅଛନ୍ତି। କିନ୍ତୁ ଜଣେ ସାମାଜିକକର୍ମୀ ଓ ଚିକିତ୍ସକ ଭାବେ ପ୍ରାୟ ୪୬ବର୍ଷ ଧରି ରୋଗୀଙ୍କ ଚିକିତ୍ସାସେବାରେ ନିୟୋଜିତ ରହୁଥିବାରୁ ଆତ୍ମ ସନ୍ତୋଷ ମିଳିପାରୁଛି। ବିଶେଷକରି ମ୍ୟାଲେରିଆ ଚିକିତ୍ସାରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏଥିପାଇଁ ଗିନିଜ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଛି।

–ବନବିହାରୀ

ଫଟୋ–ପ୍ରଦୋଷ






# ବିବର୍ଣ୍ଣ ପୃଥିବୀ

–ମନୁଆ ଦାସ

ଦିଗ ଦିଗ ଚିତ୍କାର ଛାଡି ଉଡିଗଲେ ପଲେ କୁଆ
ମେଘ ଥିଲା ରାଗି, ରଞ୍ଜକରେ ଭରା
ଅନିଶାରେ ଭାରି ମାଟି, ଥୁଣ୍ଟା ଶାଖା ଆଖି
ଓଦା ପବନରେ ଥିଲା ମଲା ଶିଶୁ ଆତଙ୍କ
କାନ୍ଦୁରା ସଞ୍ଚାର ନିଛାଟିଆ ପାଉଁଶ ଝରା
ଦାରୁଣ ନିସ୍ତବ୍ଧତାରେ ଛିଡିପଡୁଥିଲା ସମୟ
ଭଙ୍ଗାରୁଜା ଆଇନାରୁ ଝରୁଥିଲା ଭୀଷଣ ରାତି
ସ୍ୱପ୍ନର ମଶାଣିରେ ଜଳୁଥିଲା ଦିଗବଳୟ
ସ୍ମୃତିର ମେଲାଣିରେ ଡୁବିଗଲା କାନ୍ଦଣାର ବତୀ
ଯାହ ଯାହା ଯାଉଥିଲା ଲିଭି, ମରୁଥିଲା
ନିଃସ୍ୱତାର  ଜଡ ଚାହାଣିରେ ନଫେରିଲା
ଗୃହ ଯୁଦ୍ଧ, ସୀମା ଦ୍ୱନ୍ଦ୍ୱ, ଧ୍ୱଂସର ସୂକ୍ତ
ପ୍ରତିପତ୍ତି ବିସ୍ତାରରେ କିଏ କ୍ଷମତା ମତ୍ତ
କିଏ ବଳି ପଡିଲା, କିଏ ବଳି ପକାଇଲା
ମଣିଷ ନା ଦେଶ ନା ବିଭାଜିତ ବିଶ୍ୱ।

*–ପୁରୁଣା ଭୁବନେଶ୍ୱର, ମୋ:୯୭୭୭୯୬୫୩୨୦*





# ବ୍ୟାବହାରିକ ଜ୍ଞାନ

–ଅଲେଖଚନ୍ଦ୍ର ମିଶ୍ର

ପୁରାଣ ଯୁଗର କଥାଟିଏ। ଜଣେ ମହାଜ୍ଞାନୀ ଋଷିଥା'ନ୍ତି। ନିଜର ଆଶ୍ରମ ସନ୍ନିକଟ ବାତାବରଣକୁ ଯଥାସମ୍ଭବ ଶାନ୍ତ ଓ ସୁନ୍ଦର ରଖିଥା'ନ୍ତି । ତଥାପି ବ୍ୟାଧମାନେ ଆସି ସେଠାରେ ଜାଲ ବିଛେଇ କୌଶଳରେ ଶୁଆମାନଙ୍କୁ ଧରିନିଅନ୍ତି । ଏହା ଦେଖି ଋଷି ଖୁବ ଦୁଃଖ ପ୍ରକାଶ କରନ୍ତି। ଥରେ ସେ ଭାବିଲେ ବିଚରା ନିର୍ବୋଧ ଶୁଆଗୁଡିକ ଅଜ୍ଞତା ହେତୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି ସିନା! ସେ ଯଦି ସେମାନଙ୍କୁ କିଛିବୁଦ୍ଧି ଓ ଜ୍ଞାନ ଶିକ୍ଷା ଦିଅନ୍ତେ ସେମାନେ ହୁଏତ ଆଉ ବିପଦରେ ପଡନ୍ତେନି। ଏୟା ଭାବି ସେ ଶୁଆମାନଙ୍କୁ ଉପଦେଶ ଦେବାକୁ ଲାଗିଲେ, ''ତୁମ୍ଭେମାନେ ଘୋଷି ମନେ ରଖ, ଶିକାରୀ ଆସିବ, ଖୁଦ ବୁଣିବ, ଜାଲ ବିଛେଇବ ଏବଂ ଖୁଦ ଖାଇଲେ ଆମେ ଜାଲରେ ବନ୍ଧା ହୋଇ ପଡିବୁ, ତେଣୁ ଖୁଦ ଖାଇବୁ ନାହିଁ'' । ଶୁଆମାନେ ସେ କଥାକୁ ଘୋଷି ପାଣି କରିଦେଲେ । କିନ୍ତୁ ବ୍ୟବହାରରେ ଅଜ୍ଞ ଥା'ନ୍ତି । ଥରେ ଶିକାରୀ ଆସି ଖୁଦ ବୁଣି ଜାଲ ପାତି ଦେଲା । ଶୁଆମାନେ ଖୁଦ ଦେଖି ଖାଇବାକୁ ଓହ୍ଲାଇ ପଡିଲେ। କିନ୍ତୁ ଋଷିଙ୍କର ଉପଦେଶକୁ କହୁଥା'ନ୍ତି, ''ଶିକାରୀ ଆସିବ, ଖୁଦ ବୁଣିବ, ଜାଲ ବିଛେଇବ ଏବଂ ଖୁଦ ଖାଇଲେ ଆମେ ଜାଲରେ ବନ୍ଧା ହୋଇପଡିବୁ, ତେଣୁ ଖୁଦ ଖାଇବୁ ନାହିଁ''। ଏକଥା କହି କହି ଶିକାରୀର ଜାଲରେ ବାନ୍ଧି ହୋଇଗଲେ। ଏପରିକି ଜାଲ ସହ ଶିକାରୀ ସେମାନଙ୍କୁ ନେଇ ଯାଉଥିଲାବେଳେ ବି ସେହି ଉପଦେଶକୁ ମନେପକେଇ ଗାଉଥାନ୍ତି। କ୍ରିୟାବିହୀନ ଜ୍ଞାନ କିପରି ମୂଲ୍ୟହୀନ ଆଖ୍ୟାୟିକାଟି ତା'ର ଏକ ସୁନ୍ଦର ଦୃଷ୍ଟାନ୍ତ।

*–ସାରଦାଶ୍ରୀ,୯୦୪, ଶାସ୍ତ୍ରୀନଗର, ୟୁନିଟ–୪, ଭୁବନେଶ୍ୱର*
*ମୋ:୯୪୩୮୬୭୩୮୯୮*

# ଦେହଳୀ

–ଦୀପ୍ତିମୟୀ ପ୍ରଧାନ

ମୋ ଆତ୍ମାରେ
କୋରକିତ ଜୀବନ୍ୟାସ !
ମୋ ଧୃତିରେ
ସଂଦୀପିତ ସଂଶୟ।
ମୋ ଦେହଳୀରେ
କୁସୁମିତ ପ୍ରେମ।
ଆଖି କୋଣରେ
ଅତିପ୍ରିୟ ଦଶମାୟା ରୂପ।
ବିଶ୍ୱସ୍ତ ହାତମୁଠାରେ
ସମଗ୍ର ଶୂନ୍ୟତା
କୋହଭିଜା କଜ୍ଜଳରେ
କାହାକୁ ଆଙ୍କୁଚି ତଥାପି।
କୋହକୁ,
କଜ୍ଜଳକୁ,
ତୁମକୁ
ନା' ନିଜକୁ, ନିଜ କପାଳରେ।
ଯେତେ ଆଙ୍କିଲେ ବି
ଅନଙ୍କିତ।
କୋଉଥିରେ ଆଙ୍କିହେବ ତୁମେ ?
ସୀମନ୍ତ ସିନ୍ଦୂର ! ନା'
ଅଧର ?
ସବୁ ଅନୁଭବ ତ'
ତଥାପି ଅନୁଭାବିତ, ଚିରବିଶ୍ୱସ୍ତ।

*–ମାର୍ଫତ୍ ଇଂ ଅକ୍ଷୟ କୁମାର ସାହୁ*
*ରଶ୍ମିବିହାର, ଭୁବନେଶ୍ୱର*
*ମୋ: ୭୯୭୮୧୯୭୨୦୮*

# କୁହୁକ ସୂର୍ଯ୍ୟାସ୍ତ

–ସୌଭାଗ୍ୟବନ୍ତ ମହାରଣା

ନଷ୍ଟ ଗ୍ରହ ଓ ନକ୍ଷତ୍ରର
ଧ୍ୱଂସାବଶେଷରୁ
କୌଶଳରେ ସାଉଁଟି ଆଣିଥିବା
ମୋହିତ ରଙ୍ଗଙ୍କ ନିଆରା ଉତ୍ସବ
ସୂର୍ଯ୍ୟାସ୍ତର ସ୍ମିତ ଛାୟାଦୃଶ୍ୟ।
ରାତିର କୋମଳ ଆୟୁଷର ଗ୍ରନ୍ଥିରେ
କଳା ଫୁଲର ଅଜଣା ମହକ
ଦିନର ମରୁବାଲିର ଆତିଥ୍ୟରେ
ନାଗଫେଣୀ ହିଁ ଉପଭୋଗ କରେ
ଅଜବ ତାତିର ମଧୁର ଡହକ।

ସୂର୍ଯ୍ୟାସ୍ତର ପାଟଳ ଆକାଶ ପାଲଟେ
ଏକମାତ୍ର ସେତୁର ରୂପକଳ୍ପ
ଯୋଡିବାକୁ ଦିନର ଦଂଶନ ସହ
ରାତିର ମିଠା ସ୍ୱପ୍ନର ଶିହରଣ।
ସୂର୍ଯ୍ୟାସ୍ତ ଏକ ଅନବଦ୍ୟ ତୈଳଚିତ୍ର
ରଙ୍ଗର ଉତ୍ସବରେ ମାତୁ ମାତୁ
ବୋହେମିଆନ୍ ଶବ୍ଦଙ୍କ ଗହଳିରେ
ନିଖୋଜ୍ ଚିତ୍ରକରର ଏକମାତ୍ର
ନୀରବ କୋଳାହଳର ଅପୂର୍ବ ଅସ୍ତିତ୍ୱ।

ଫଟା ମାଟିର ଭିଜା ଭିଜା ଲୋଭନୀୟ ମହକ ବି
ଛଟପଟ ଆକାଶର ଆଦିମ ଉଲଗ୍ନତାରେ
ପାଗଳ
ସୂର୍ଯ୍ୟର ସହରରେ କେରାଏ ଦୁବଘାସର
ବିଚିତ୍ର ଦ୍ରୋହ ଓ ଦାହ ଭିତରେ
ପ୍ରତିଧ୍ୱନିତ ସବୁଜିମାର ସ୍ଲୋଗାନ୍ ।
ସୂର୍ଯ୍ୟାସ୍ତ ଅଶରୀରୀ ଆତ୍ମାଙ୍କ
ରହସ୍ୟାବୃତ ଧ୍ୱନିରୁ ସଞ୍ଜାତ
ଆକାଶର କୁହୁକ ରଙ୍ଗମଞ୍ଚରେ
ଶାସ୍ତ୍ରୀୟ ନୃତ୍ୟର ଅପୂର୍ବ ସଙ୍ଗୀତ।

*–ଭାରତୀ ଭବନ,ଶିବମ୍ କଲୋନୀ,ଆୟକର*
*ଭବନ ପଛ,ସମ୍ବଲପୁର*
*ମୋ:୯୪୩୭୪୫୭୭୩୬*







# ଆମୀରଙ୍କ ସର୍ଟ ବ୍ରେକ୍

ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଭାବରେ ପରିଚିତ ଆମୀର ଖାଁଙ୍କ ମନ ଏବେ ଭଲ ନାହିଁ। କାରଣ ଯେଉଁ ଫିଲ୍ମର ସଫଳତାକୁ ନେଇ ସେ ଆଶା ବାନ୍ଧିଥିଲେ ତାହା ଆଶାନୁରୂପ ବିଜନେସ୍ କରିପାରିଲା ନାହିଁ। ପୁଣି ସେହି ଫିଲ୍ମକୁ ନେଇ ଅନେକ ନେଗେଟିଭ ଆଲୋଚନା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ତେଣୁ ଏପରି ଘଟଣାକୁ ମନରୁ ଭଲ ଭାବରେ ପାସୋରି ଦେବାକୁ ସେ ସର୍ଟ ବ୍ରେକ୍ ନେଇ ମାଇଣ୍ଡ ଫ୍ରେସ କରିବାକୁ ଯିବେ। ଫେରିବା ପରେ ନୂଆ ପ୍ରୋଜେକ୍ଟ ବିଷୟରେ ଚିନ୍ତା କରିବେ। ଏ ନେଇ ଆମୀର କହନ୍ତି, 'ଯାହା ଘଟିଗଲା ତାହାକୁ ମୁଁ ଆଉ ରୋମନ୍ଥନ କରିବାକୁ ଚାହେଁନା। କାରଣ ସେଗୁଡିକୁ ଆଲୋଚନା କଲେ ମନ ଭିତରେ କୁହୁଳୁ ଥିବା ଦୁଃଖ ଆହୁରି ବଢ଼ିବ। ଏବେ ମୁଁ ମୋ ଆଗାମୀ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତ ହେଉଛି। ତେଣୁ ବର୍ତ୍ତମାନ କିଛି ଦିନ ଆକ୍ଟିଂରୁ ବ୍ରେକ୍ ନେବି। ମାଇଣ୍ଡ ଫ୍ରେସ୍ ପରେ ପୁଣି ଥରେ ନୂଆ ସିନେମାରେ ଅଭିନୟ କରିବି। ଏବେ ତାଙ୍କ ହାତରେ ଥିବା ନୂଆ ପ୍ରୋଜେକ୍ଟଟି ହେଉଛି ଏକ ସ୍ପୋର୍ଟଭିତ୍ତିକ ସିନେମା, ଯାହାର ନିର୍ଦ୍ଦେଶନା ଦେବେ 'ଶୁଭ ମଙ୍ଗଲ୍ ସାବଧାନ'ର ନିର୍ଦ୍ଦେଶକ ଆର.ଏସ. ପ୍ରସନ୍ନା।


ଆମୀର


କିଆରା

# ଶିକ୍ଷୟିତ୍ରୀରୁ ଅଭିନେତ୍ରୀ

କିଆରା ଆଡୱାନୀ ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ବମ୍ବେସ୍ଥିତ ଏକ ପ୍ଲେ ସ୍କୁଲରେ ଶିକ୍ଷକତା କରୁଥିଲେ। ଏହାବ୍ୟତୀତ ସେ ନିଜେ ଜଣେ ମେଧାବୀ ଛାତ୍ରୀ ମଧ୍ୟ ଥିଲେ। ସେ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଛନ୍ତି। ହେଲେ ସାମ୍ବାଦିକତା ଆଡକୁ ତାଙ୍କର ମନ ବଳି ନ ଥିଲା। ଏ ନେଇ କିଆରା କହନ୍ତି, 'ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିବା ପରେ ସାମ୍ବାଦିକତା ଆଡକୁ ମୋର ମନ ହୋଇ ନ ଥିଲା। ସେତେବେଳେ ମୋର ମା' ଏକ ପ୍ଲେ ସ୍କୁଲରେ ଟିଚରସିପ୍ କରୁଥିଲେ। ତେଣୁ ମୋତେ ସେହି ସ୍କୁଲରେ କିଛି ଦିନ ପାଠ ପଢ଼ାଇବାର ସୁଯୋଗ ମିଳିଥିଲା। ଆଉ ଏବେ ସେ କଥା ମନେ ପଡିଲେ ଭାରି ଖୁସି ଲାଗେ। ଛୋଟ ପିଲାଙ୍କୁ ପାଠ ପଢ଼ାଇବା ଆଉ ସେମାନଙ୍କ ସହ ହସଖୁସିରେ ମାତିବା- ଏ ପର୍ଯ୍ୟନ୍ତ ମୋ ମନରେ ସତେଜ ହୋଇ ରହିଛି। ଅଭିନୟ ସହ ଜଡିତ ହେବା ପରେ ମୁଁ ସେହି ଲାଇନ୍‌ରୁ ନିଜକୁ ଦୂରେଇ ନେଇଥିଲି।' କିଆରାଙ୍କର ପ୍ରକୃତ ନାମ ଥିଲା ଆଲିୟା ଆଡୱାନୀ। ହେଲେ ସେ ଫିଲ୍ମରେ ଅଭିନୟ କରିବା ପରେ ନିଜ ନାମକୁ ପରିବର୍ତ୍ତନ କରି କିଆରା ରଖିଥିଲେ।

# ରିଲିଜ୍ ଅପେକ୍ଷାରେ 'ପ୍ରସ୍ଥାନମ୍'

ଏକ ଭିନ୍ନଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ପ୍ରସ୍ଥାନମ୍'। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, ଆକ୍ସନର ତଡକା ରହିଛି। ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚିତ୍ରର ନାୟକ ସାଜିଛନ୍ତି 'ଟାର୍ଗେଟ'ରୁ ଓଲିଉଡରେ କ୍ୟାରିୟର ଆରମ୍ଭ କରିଥିବା ଅମ୍ଲାନ। ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରୁନ୍ତି ଶ୍ରଦ୍ଧା ପାଣିଗ୍ରାହୀ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରାଜା ଡି'। ପୂର୍ବରୁ ବେଶ୍ କେତୋଟି ମ୍ୟୁଜିକ୍ ଆଲବମ୍‌ର ନିର୍ଦ୍ଦେଶନା ଦେଇଥିବା ସଙ୍ଗୀତ ନିର୍ଦ୍ଦେଶକ ଯୋଡ଼ି ଅସାଦ୍-ନିଜାମ ଏହାର ସ୍ୱର ସଂଯୋଜନା ଦାୟିତ୍ୱ ତୁଲାଇଛନ୍ତି। ତପୁ ନାୟକ ଏବଂ କୁମାରଶ୍ରୀ ଗୀତଗୁଡ଼ିକୁ ରଚନା କରିଛନ୍ତି ଏବଂ କଣ୍ଠଦାନ କରିଛନ୍ତି ହ୍ୟୁମାନ୍ ସାଗର, ଅସାଦ୍ ନିଜାମ, କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ନେହା ନୀହାରିକା କର ଏବଂ ଆର୍.ଏସ୍. କୁମାର। ଏ ନେଇ ନିର୍ଦ୍ଦେଶକ କହନ୍ତି, 'ଏହି ଫିଲ୍ମର ଶୁଟିଂ ସମୟରେ ପ୍ରତିଟି ଦିଗ ପ୍ରତି ଧ୍ୟାନ ଦିଆଯାଇଛି। କାହାଣୀ, ଉପସ୍ଥାପନା ଏବଂ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରହିଛି।' ଏହାର କାଷ୍ଟିଂରେ ବର୍ଣ୍ଣି ଆର୍ ସାମଲ, ମନୋଜ ମିଶ୍ର, ଉଷସୀ ମିଶ୍ର ଓ ପାର୍ଥସାରଥି ରାୟ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିବ।


ବାଣୀ

# ଆକ୍ସନ ଅବତାରରେ ବାଣୀ

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ସେ ଯାହା ଖୋଜୁଥିଲେ ତାହା କେମିତି ତାଙ୍କୁ ହାତ ପାଆନ୍ତାରେ ମିଳିଯାଇଛି। କଥା କ'ଣ କି, ବାଣୀ କପୁର ନିଜର ଫିଟନେସ୍‌କୁ ନେଇ ବେଶ୍ ସଚେତନ। ପୁଣି ଏବେ ତାଙ୍କୁ ଏ ନେଇ ଆହୁରି ସଚେତନ ହେବାକୁ ପଡିଛି। କାରଣ ଖୁବ୍ ଶୀଘ୍ର ଦର୍ଶକ ତାଙ୍କୁ ଆକ୍ସନ ଅବତାରରେ ପରଦା ଉପରେ ଦେଖିବାକୁ ପାଇବେ। ତେଣୁ ଏ ନେଇ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କେବଳ ସେତିକି ନୁହେଁ, ନିଜର ଫିଟ୍‌ନେସ୍ ତାଲିକାରେ ସେ ଯୋଗକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏ ନେଇ ବାଣୀ କହନ୍ତି, 'ଆକ୍ସନଭିତ୍ତିକ ରୋଲ୍‌କୁ ନେଇ ଆଣି ଥୋଇବା ଏତେ ସହଜ ନୁହେଁ। ଯେତେବେଳେ ଏଭଳି ଅଫର ମିଳିଲା, ସେତେବେଳେ ଭାବି ଚିନ୍ତି ନିଷ୍ପତ୍ତି ନେଇଛି। ଏବେ ଜଣେ ଆକ୍ସନ ଡାଇରେକ୍ଟରଙ୍କ ଅଧିନରେ ପ୍ରାକ୍ଟିସ କରୁଛି। କାରଣ ଏହି ଫିଲ୍ମରେ ମୋତେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡିବ। ତେଣୁ ଏ ନେଇ ଅଭ୍ୟାସ ଜାରି ରଖିଛି। କେବଳ ଏହି ଫିଲ୍ମ ପାଇଁ ମୁଁ ଭଲ ଭଲ ଦୁଇଟି ଅଫର ମଧ୍ୟ ହାତଛଡା କରିଛି। ହେଲେ ସେ ନେଇ ଟିକେ ବି ଦୁଃଖ ନାହିଁ।' ତେବେ ଆକ୍ସନ ଭୂମିକାରେ ବାଣୀ କି କମାଲ କରୁଛନ୍ତି ତାହା ଫିଲ୍ମଟି ରିଲିଜ୍ ହେଲେ ହିଁ ଜଣାପଡିବ। ଚଳିତ ବର୍ଷ ବାଣୀଙ୍କ ଅଭିନୀତ 'ସମ୍‌ଶେରା' ପରଦା ଉପରକୁ ଆସିଥିଲା।

# ମଣି ରତ୍ନମ୍‌ଙ୍କ ପ୍ରଶଂସାରେ ଐଶ୍ୱର୍ଯ୍ୟା

ଐଶ୍ୱର୍ଯ୍ୟା ରାୟବଚ୍ଚନଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ସେ କିଏ ଜାଣନ୍ତି ? ଅନ୍ୟତମ ଆଗଧାଡିର ତଥା ଲୋକପ୍ରିୟ ନିର୍ଦ୍ଦେଶକ ମଣି ରତ୍ନମ। ହେଲେ କ'ଣ ଏମିତି ହେଲା ଯେ ସେ ତାଙ୍କର ଭୁରି ଭୁରି ପ୍ରଶଂସା କରୁଛନ୍ତି ? କଥା କ'ଣ କି, ମଣିଙ୍କ ଆଗାମୀ ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଐଶ୍ୱର୍ଯ୍ୟା। କାରଣ ଏଥିରେ ସେ ନାୟିକା ଭୂମିକାରେ ଅଭିନୟ କରୁଛନ୍ତି। ତାଙ୍କ କ୍ୟାମ୍ପରେ ସେ ଅଭିନୟ କରିବା ନୂଆ କଥା ନୁହେଁ। ଏହାପୂର୍ବରୁ ମଣି ରତ୍ନମଙ୍କ ନିର୍ଦ୍ଦେଶିତ 'ଗୁରୁ' ଏବଂ 'ରାବଣ'ରେ ଐଶ୍ୱର୍ଯ୍ୟା ଅଭିନୟ କରିସାରିଛନ୍ତି। ହେଲେ ଏବେ ନୂଆ ସିନେମା 'ପୋନିୟିନ୍ ସାଲଭାନ୍'ରେ ନିଜ ଭୂମିକା ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଏହି ଅଭିନେତ୍ରୀ। ଏହି ଫିଲ୍ମରେ ଐଶ୍ୱର୍ଯ୍ୟା, ରାଜକୁମାରୀ ନନ୍ଦିନୀ ରୋଲ୍‌ରେ ଅଭିନୟ କରିଛନ୍ତି। ଏହି ଫିଲ୍ମଟି ଏକାଧାରରେ ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲାମ ଏବଂ ହିନ୍ଦୀ ଭାଷାରେ ନିର୍ମିତ ହୋଇଛି। ଉକ୍ତ ଚିତ୍ରର ମୁଖ୍ୟ ଭୂମିକାରେ ଐଶ୍ୱର୍ଯ୍ୟାଙ୍କ ବ୍ୟତୀତ ବିକ୍ରମ, ଜୟମ ରବି, ତ୍ରିଶା, ସବିତା ଦୁଲିପାଲା, ପ୍ରଭୁ, ପ୍ରକାଶ ରାଜ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ମଣିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଚଳିତ ମାସ ୩୦ ତାରିଖରେ ପରଦା ଉପରକୁ ଆସିବ।


ଐଶ୍ୱର୍ଯ୍ୟା

# ଅକ୍ଟୋବରରେ 'ତୃଷ୍ଣା

ନୂଆ ଓଡ଼ିଆ ସିନେମା 'ତୃଷ୍ଣା'ର ରିଲିଜ ଡେଟ୍ ଘୋଷଣା କରାଯାଇଛି। ଫିଲ୍ମଟି ଚଳିତ ବର୍ଷ ଅକ୍ଟୋବର ୧୨ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆମର ମ୍ୟୁଜିକ ଓ ନବୀନ ଭଣ୍ଡାରୀଙ୍କ ମିଳିତ ପ୍ରଯୋଜନାରେ ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ସୁରେଶ ପଟ୍ଟନାୟକ। ଏକ ଭିନ୍ନ ଧରଣର କାହାଣୀକୁ ନେଇ ଏହାର କାହାଣୀ ଗତିଶୀଳ। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମାର ମଜା ଦର୍ଶକ ନେଇପାରିବେ। ଡା. ନିର୍ମଳ ନାୟକ ଏବଂ କୁମାରଶ୍ରୀ ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। କଣ୍ଠଦାନ କରିଛନ୍ତି ସ୍ୱୟଂ ପାଢୀ, ଗୌରବ ଆନନ୍ଦ, କୁଳଦୀପ, ଈଶ୍ୱରୀ ଏବଂ ରୂପକ। ଏହାର ବିଭିନ୍ନ ଭୂମିକାରେ ପ୍ରଦ୍ୟୁମ୍ନ ଲେଙ୍କା, ସମରେଶ , ଲିପ୍ସା ମିଶ୍ର, ସୂର୍ଯ୍ୟମୟୀ, ଶୈଳେନ୍ଦ୍ର, ରତନ ମେହେର, ଧୀର ମଲ୍ଲିକ, ରବି ମିଶ୍ର, ଜୀବନ ପଣ୍ଡା, ଋଷି ପଟ୍ଟନାୟକ, ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।


'ତୃଷ୍ଣା' ଚଳଚ୍ଚିତ୍ରରେ ସମରେଶ

# ଭାଗ୍ୟବତୀ ମୃଣାଳ

ମୃଣାଳ ଠାକୁରଙ୍କ ଖୁସି କହିଲେ ନ ସରେ। କେମିତି ବା ସେ ଖୁସି ହେବେନି କହୁନାହାନ୍ତି ? ଅସଲ କଥା ହେଲା, ତାଙ୍କୁ ଏକ ନୂଆ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ତିନୋଟି ସିନେମା ପାଇଁ ନାୟିକା ଭାବରେ ସାଇନ୍ କରାଯାଇଛି। ଆଉ ବ୍ୟାକ୍-ଟୁ-ବ୍ୟାକ୍ ଏଭଳି ସୁଯୋଗ ପାଇବା ପରେ ତାଙ୍କ ମନ ସତେ ଯେମିତି ଆକାଶରେ ଉଡୁଛି। ଏ ନେଇ ମୃଣାଳ କହନ୍ତି, 'ଯେତେବେଳେ ମୋତେ ଏକାଥରେ ଏହି ତିନୋଟି ଅଫର ମିଳିଲା ସେତେବେଳେ ସେ ନେଇ ଚିନ୍ତା କରିବାକୁ ପ୍ରାୟ ୧୫ଦିନ ସମୟ ନେଇଥିଲି। ଆଉ ତା' ଭିତରେ ମୁଁ ଏହି ଅଫରଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ସେହି ଫିଲ୍ମଗୁଡିକରେ ଆକ୍ଟିଂ କରିବାକୁ ନିଷ୍ପତ୍ତି ନେଇଛି। ଅବଶ୍ୟ ଏଗୁଡିକର ଶୁଟିଂ ଗୋଟିଏ ପରେ ଗୋଟିଏ ହେବ। ତେଣୁ ସେ ନେଇ ଟେନ୍‌ସନ୍ ନେବାର ଆବଶ୍ୟକତା ନାହିଁ।' ସେପଟେ ସେ ଏବେ ଲଣ୍ଡନରେ ଡେରା ପକାଇଛନ୍ତି। କାରଣ ମାଇଣ୍ଡ ଫ୍ରେସ କରିବାକୁ ସେ ସେଠାକୁ ଯାଇଛନ୍ତି।

ମୃଣାଳ


# ମନରେ ମନ ବସିଲେ ମିତ, ସହଜ ହୁଏ ପ୍ରେମ ଗଣିତ

''ପ୍ରେମ ସମୁଦ୍ରରେ ଟୋପାଏ ଅବିଶ୍ୱାସର ବିଷ ବୁନ୍ଦା ପଡିଲେ ତାହା ପାଣିକୁ ବିଷମୟ କରିଦିଏ। ସେଭଳି ପ୍ରେମକୁ ନେଇ ସ୍ୱପ୍ନ ଦେଖିବା, ମରିଚିକା ପଛରେ ଗୋଡାଇବା ସହ ସମାନ। ତେଣୁ ସଚ୍ଚା ପ୍ରେମ କରିବା ସମୟରେ ମନରୁ ସବୁ ପ୍ରକାରର ନେଗେଟିଭ ଚିନ୍ତାଧାରାକୁ ଭଲ ଭାବରେ ପୋଛି ଦିଅନ୍ତୁ। ତେବେ ଯାଇ ପ୍ରେମର ଅସଲ ମଜା ଅନୁଭବ କରିପାରିବେ।''

**ପ୍ରଶ୍ନ**–ପ୍ରେମର ସୃଷ୍ଟି କେମିତି ହୁଏ ? ଅସଲ ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

*–ଅମୂଲ୍ୟ ସାହୁ, ଢେଙ୍କାନାଳ*

**ଉତ୍ତର:** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। 'ମନରେ ମନ ବସିଲେ ମିତ, ସହଜ ହୁଏ ପ୍ରେମ ଗଣିତ'। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ ଲଙ୍ଗ ଯୋଡି ହୋଇ ରହିବ।

**ପ୍ରଶ୍ନ**–ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ପୁଣି ଅଧା ବାଟରେ ହାତ ଛାଡି ଚାଲିଗଲା। ହେଲେ ତାକୁ ମୁଁ ମନରୁ ପାସୋରି ପାରୁନି। ଏପରି ପରିସ୍ଥିତିରୁ ମୁଁ ନିଜକୁ କିପରି ଉଦ୍ଧାର କରିବି ?

*–ଜିତେନ୍ଦ୍ର ବରାଳ, ଜଗତସିଂହପୁର*

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ଆଗକୁ ଆଗଉଥିଲେ ସେ ଆପଣଙ୍କୁ ଭୁଲ ବୁଝିଲା। ପ୍ରେମ ସମୁଦ୍ରରେ ଟୋପାଏ ଅବିଶ୍ୱାସର ବିଷ ବୁନ୍ଦା ପଡିଲେ ତାହା ପାଣିକୁ ବିଷମୟ କରିଦିଏ। ସେଭଳି ପ୍ରେମକୁ ନେଇ ସ୍ୱପ୍ନ ଦେଖିବାଟା ମରିଚିକା ପଛରେ ଗୋଡାଇବା ସହ ସମାନ। ତେଣୁ ସଚ୍ଚା ପ୍ରେମ କରିବା ସମୟରେ ମନରୁ ସବୁ ପ୍ରକାର ନେଗେଟିଭ ଚିନ୍ତାଧାରାକୁ ଭଲ ଭାବରେ ପୋଛି ଦିଅନ୍ତୁ। ତେବେ ପ୍ରେମର ଅସଲ ମଜା ଅନୁଭବ କରିପାରିବେ। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇ ନେବି ଜାଣିପାରୁନି।

*–ନୃସିଂହ ଦାସ, ରାଉରକେଲା*

**ଉତ୍ତର:** ସମଝଦାର ଆଦମୀକୋ ଇସାରା କାଫି ହୈ। ତେଣୁ ଯଦି ସେହି ସୁନ୍ଦରୀ ଇସାରାରୁ ପ୍ରେମର ମହୁ ଝରୁଛି ତେବେ ତାହାକୁ ଆସ୍ୱାଦନ କରିବାକୁ ଡେରି କରୁଛନ୍ତି କିଆଁ ? ପ୍ରେମରେ ସବୁବେଳେ ଶୁଭସ୍ୟ ଶୀଘ୍ରମ। କାରଣ ଯଦି ଟିକେ ବିଳମ୍ବ କରିଦେଲେ ତେବେ 'ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା'। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ଭାବୁଛି ତାକୁ ମନରୁ ଆଉଟ୍ କରିଦେବି। ହେଲେ ସାହସ ହେଉନି।

*–ଦିବାକର, ପୁରୀ*

**ଉତ୍ତର:** ଆପଣଙ୍କ ପ୍ରେମ କାହିଁକି କେମିତି କେମିତି ବାସୁଛି। ଯେତେବେଳେ ଆପଣ ଭାବିନେଲେଣି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କୁ ବ୍ଲାକ୍ ମେଲିଂ କରୁଛି ସେତେବେଳେ ଏଭଳି ପ୍ରେମକୁ ନେଇ ମନରେ ନାନାଦି ପ୍ରଶ୍ନ ଉଠିବା ସ୍ୱାଭାବିକ। ତେଣୁ ମୁଣ୍ଡ ମାରିଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି। ବାସ୍, ସେଭଳି ପ୍ରେମରେ ଯେତେଶୀଘ୍ର ପୂର୍ଣ୍ଣଚ୍ଛେଦ ପକାଇବେ ତାହା ଆପଣଙ୍କ ପାଇଁ ମଙ୍ଗଳ ହେବ। ନ ହେଲେ ସେମିତି ମଝି ରାସ୍ତାରେ ଠିଆ ହୋଇ ବାଟ ବଣା ହେଉଥିବେ।




**ପ୍ରଥମ ରୋଜଗାର**



ଲେଖିକା ମାନିନୀ ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଉପାର୍ଜନରେ ବହି କିଣିଥିଲି

**ସେ**ଇ ସମୟର ସମ୍ବଲପୁର ଜିଲାର ଗୋଟିଏ ଛୋଟ ଅଥଚ ପ୍ରସିଦ୍ଧ ଗାଁ ବରପାଲି । ଛୋଟ ବେଳେ ମଙ୍ଗାର ଠକ୍ ଠକ୍ , ବାନ୍ଧର ରଙ୍ଗଭରା ସୁନ୍ଦର ସୁନ୍ଦର ଜୀବନ୍ତ କଳା, ଖୋଷାକୁ ଶିଝେଇ ମଠା ସୂତା କାଢ଼ିବା ଇତ୍ୟାଦି ଦେଖି ଆସିଥିଲି ଆଖ ପାଖ ସବୁ ଘରର କୌଳିକ ବୃତ୍ତି ଭାବରେ । ଟିକେ ବଡ଼ ହେଲି ପରିଚିତ ହେଲି ମୋର ମାଟିର ଅନନ୍ୟ କବି ଗଙ୍ଗାଧର ମେହେରଙ୍କ ସହ । ବାପା ସ୍ଥାନୀୟ ଗଙ୍ଗାଧର ଏନ.ଏ.ସି. ହାଇସ୍କୁଲର ହେଡ଼ମାଷ୍ଟର ଥିଲେ । ଛୋଟ ବେଳେ ପାଟି ମୋର ଲାଗୁଥିଲା, ଦ୍ୱିତୀୟ ଶ୍ରେଣୀରୁ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେବା ପରେ ପରେ ମୁଁ ସ୍ପଷ୍ଟ କଥା କହିବା ଶିଖି ସାରିଥିଲି । ବରପାଲିର ଅନେକ ଅନୁଷ୍ଠାନ ସେତେବେଳେ ପାଳନ କରୁଥିଲେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ । ଶ୍ରାବଣ ମାସ ସାରା ସବୁ ସ୍କୁଲର ବଛା ବଛା ଛାତ୍ରୀଛାତ୍ରଙ୍କ ବକ୍ତୃତା, ରଚନା, ସଙ୍ଗୀତ, ଆବୃତ୍ତି ଇତ୍ୟାଦି ପ୍ରତିଯୋଗିତାର ଆୟୋଜନ କରାଯାଇ ଶ୍ରାବଣ ପୂର୍ଣ୍ଣିମା ଦିନ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇ ଗଙ୍ଗାଧର ଜୟନ୍ତୀ ପାଳନ ଅବସରରେ ସବୁ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଉ ଥିଲା। ୧୯୮୬ ମସିହାର କଥା ଓଡ଼ିଶାର ମହାମହୀମ ରାଜ୍ୟପାଳ ଥିଲେ ବିଶ୍ୱମ୍ଭର ନାଥ ପାଣ୍ଡେ। ତାଙ୍କ ହାତରୁ ବକ୍ତୃତା ଓ ରଚନା ପାଇଁ ପୁରସ୍କାର ଭାବେ ପାଇଲି ଏକ କପ ଓ ଗୋଟିଏ ଏନ–ଭଲ୍‌ପ। ଘରକୁ ଯାଇ ଦେଖିଲି ଏନ–ଭଲ୍‌ପ୍ ଭିତରେ ଅଛି ନୂଆଁ ପଚାଶ ଟଙ୍କିଆ ଦୁଇଟା । ବାପା ସବୁବେଳେ କହୁଥିଲେ ବହି ହିଁ ପ୍ରକୃତ ବନ୍ଧୁ ଆଉ ମୋର ପ୍ରିୟର ବିଷୟ ଥିଲା ଗଣିତ ଓ ବିଜ୍ଞାନ, ବାପାଙ୍କ ସାଇକେଲରେ ବସି ମୁଁ ଯାଇଥିଲି ବସଷ୍ଟାଣ୍ଡର ସବୁଠୁ ପୁରୁଣା ପତ୍ରିକା ମହଲ। କିଣି ଆଣିଥିଲୁ କିଛି ଭଲ ଗଣିତ ଓ ବିଜ୍ଞାନ ପୁସ୍ତକ। ଏହାପରେ ବି ମୁଁ ଅନେକ ପୁରସ୍କାର ପାଇଛି। ବାଳିକା ବିଦ୍ୟାଳୟରେ ଏସ୍– ଏ, ଡିବେଟ୍, ସ୍ପୋର୍ଟ୍ସ ଇତ୍ୟାଦି ସହ ଗଣିତଠୁ ଆରମ୍ଭ କରି ଯାହା ବି ବିଷୟ ଥିଲା ସବୁଥିରେ ତଥା ଶ୍ରେଣୀରେ ସର୍ବାଧିକ ମାର୍କ ପାଇ ବଡ଼ ଟିଫିନ କେରିଅରଠୁ ଆରମ୍ଭ କରି ଅନେକ କିଛି ପୁରସ୍କାର ମିଳିଥିଲା। ମା' ସବୁକୁ ରଖି ଦେଇଥିଲେ ବାକ୍ସରେ। ବାହା ହେଲାପରେ ସବୁକୁ ସେ ମତେ ଦେଇଦେଲେ। ଏବେ ମୋ ପାଖରେ ଅନେକ ବ୍ରାଣ୍ଡେଡ୍ କମ୍ପାନୀର ତାପନିୟନ୍ତ୍ରିତ ଟିଫିନକେରିଅର ଭିତରେ ସଦର୍ପରେ ଛିଡା ହୁଏ ପୁରସ୍କାରସ୍ୱରୂପ ମିଳିଥିବା ସେଇ ସବୁଠୁ ଲମ୍ବା ଷ୍ଟିଲର ଟିଫିନ କେରିଅର । ସେମିତି ସପ୍ତମରେ 'ଓ' ଗ୍ରେଡ୍ ସହ ଏନ.ଆର.ଟି.ଏସ. ବୃତ୍ତି ପଇସା ମିଳିଥିଲା କଲେଜ ପଢ଼ିବା ବେଳକୁ। ଦସ୍ତଖତ ନେଇ ହାତରେ ପଇସା ଦେଇଥିଲେ କ୍ଲର୍କ୍ ସାର୍ । ଆଉ ସେଇ ପଇସାରେ ବାପା ବହି କିଣିଦେଇ ତା'ର ସଦୁପଯୋଗ କରିଥିଲେ । ବି.ଏଡ୍ ପରେ ସରକାରୀ ଚାକିରି କରିବାବେଳକୁ ପାସବୁକ ସିଷ୍ଟମ ଆସିଯାଇଥିଲା। ଆଉ ହାତରେ ପଇସା ଧରିନି, ସେମିତି ଚାକିରି ଛାଡିଲି ଯେ ଅନେକ ମାସର ପଇସା ଉଠାଇବାକୁ ଯାଇନି । ଏବେ ସେ ଏକାଉଣ୍ଟ ହୁଏତ ବନ୍ଦ କରି ଦେଇଥିବେ ସେମାନେ। କିମ୍ବା ଫାଇନ କଟି ଜିରୋ ବାଲାନ୍ସ ହେଇଯାଇଥିବ। ଆଜି କି ୨୦ବର୍ଷ ତଳର ଏକାଉଣ୍ଟ ସେ। ତା' କଥା ଭାବିନି। ଆଉ ଏବେ ମୁଁ ଜୀବନର ସବୁ କ୍ୟାରିଅର, ରୋଜଗାର, ହିସାବ କିତାବକୁ ପଛରେ ଛାଡି ଚାଲି ଆସିଛି ଅନେକ ବାଟ ଚିରୁଡାଏ ପ୍ରେମ ଆଉ ଝୁଡିଏ ଶବ୍ଦର ପ୍ରାପ୍ତି ରେ ...।

# ପେସା ରୋଷେଇ, ନିଶା ଅମ୍ପାୟରିଂ





ଧଳା ପ୍ୟାଣ୍ଟ, ଧଳା ଟି-ସାର୍ଟ ସହ ଆଖିରେ କଳା ଚଷମା ଓ ମୁଣ୍ଡରେ ଧଳା ଟୋପି ପିନ୍ଧି ସେ ପଡିଆକୁ ଆସନ୍ତି ଜଣେ ଅମ୍ପାୟରଭାବେ, ଖେଳ ଓ ଖେଳାଳୀଙ୍କ ନିର୍ଣ୍ଣାୟକ ସାଜି । ତାଙ୍କ ହାତର ଚାଳନା ଓ ନିଷ୍ପତ୍ତିକୁ ଅନାଇ ରୁହନ୍ତି ଖେଳାଳୀଙ୍କ ସହ ଶହ ଶହ ଦର୍ଶକ । ହେଲେ କ୍ରିକେଟ୍ ପଡିଆରୁ ଚାଲି ଆସିବା ପରେ ବଦଳିଯାଏ ତାଙ୍କ ଦୁନିଆ । ଯେଉଁ ହାତ ଚାଳନାରେ ଖେଳର ଗତିପଥ ବଦଳି ଯାଏ, ସେଇ ହାତରେ ଧରନ୍ତି ବଡ଼ ବଡ଼ ହଣ୍ଡା ଓ ଚଟୁ । ପ୍ୟାଣ୍ଟ ସାର୍ଟ ବଦଳରେ ପିନ୍ଧିନିଅନ୍ତି ଗାମୁଛା ଖଣ୍ଡେ ଆଉ ସାର୍ଟିଏ । କାନ୍ଧରେ ପଡିଥାଏ ଏକ ଗାମୁଛା । ଆଉ ପାଲଟି ଯାଆନ୍ତି ରୋଷେଇଆ । ବଡ ବଡ ଭୋଜି ଭାତରେ ଶହ ଶହ ଲୋକଙ୍କ ପାଇଁ ସୁସ୍ୱାଦୁ ଖାଦ୍ୟ ରୋଷେଇ କରି ପାଆନ୍ତି ବାଃ ବାଃ । ଦୀର୍ଘ ବର୍ଷ ଧରି ଦୁଇ ଭିନ୍ନ କ୍ଷେତ୍ରରେ ସମନ୍ୱୟ ରକ୍ଷା କରି ଆଗେଇ ଚାଲିଥିବା ଏହି ନିଆରା ବ୍ୟକ୍ତି ଜଣକ ହେଉଛନ୍ତି ନିରଞ୍ଜନ ଦାଶ । ଘର କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁର ଗାଁରେ । ନିରଞ୍ଜନ କୁହନ୍ତି, 'ଅମ୍ପାୟରିଂ କରିବା ପୂର୍ବରୁ ମୁଁ କ୍ରିକେଟ ଖେଳୁଥିଲି । ୧୯୮୪ ମସିହାରୁ ମୋର ଖେଳିବା ଆରମ୍ଭ ହୋଇଥିଲା । ଖେଳିବା ନିଶା ଏମିତି ଥିଲା ଯେ, କଟକ ଭୁବନେଶ୍ୱରରେ ଥିବା ପରିଚିତ ସାଙ୍ଗସାଥୀଙ୍କ ପାଖରେ ରହି ବିଭିନ୍ନ ମ୍ୟାଚ ଖେଳୁଥିଲି । ଏମିତିରେ କଳାହାଣ୍ଡି କପ୍‌ରେ ଖେଳିବାର ସୁଯୋଗ ପାଇଥିଲି । ତାସହ ଅଣ୍ଡର ୧୯ର ସମ୍ଭାବ୍ୟ ଖେଳାଳୀ ତାଲିକାରେ ବି ଥିଲି । ହେଲେ ଦୁର୍ଭାଗ୍ୟବଶତଃ କଟି ଯାଇଥିଲି । ଖେଳିପାରି ନ ଥିଲି । ଏହାପରେ ଏତେ ଭାଙ୍ଗିପଡିଲି ଯେ ଖେଳିବା ଛାଡି ଦେଲି । ହେଲେ ଖେଳ ତ ମୋ ଆତ୍ମା ଭିତରେ ଥିଲା । ତା'ଠୁ କେମିତି ଦୂରେଇକି ରହିପାରିଥାନ୍ତି । ଭାଗ୍ୟ ମତେ ପୁଣି ଥରେ କ୍ରିକେଟ ପଡିଆ ଆଡକୁ ଟାଣିଲା । ୨୦୦୧ ମସିହାର କଥା । ଆମ ଗାଁରେ କ୍ରିକେଟ୍ ମ୍ୟାଚ୍ ହୁଏ । ଆମ ପଡୋଶୀ ଯେଉଁ ଗାଁ କ୍ରିକେଟ୍ ମ୍ୟାଚ୍‌ର ଅମ୍ପାୟରିଂ କରନ୍ତି, ସେ ସେଥର ମ୍ୟାଚ୍‌ରେ ଖେଳୁଥିଲେ । ତେଣୁ ଅନ୍ୟ ଜଣଙ୍କୁ ଅମ୍ପାୟରିଂ ପାଇଁ ଡକାଯାଇଥିଲା । ହେଲେ ସେ ନ ଆସିପାରିବାରୁ ସମସ୍ତେ ମତେ ଅନୁରୋଧ କରିଥିଲେ ଅମ୍ପାୟରିଂ କରିବାକୁ । ମୁଁ ମନା କରିପାରିଲିନି । ଆଉ ଅମ୍ପାୟରଭାବେ ପଡିଆକୁ ଗଲି । ସେଦିନ ସେଇ ମ୍ୟାଚ୍ ଅମ୍ପାୟରିଂ କରିବା ପରେ ସମସ୍ତେ ମତେ ବହୁତ ପ୍ରଶଂସା କରିଥିଲେ । ପରେ ଯେଉଁଠି ବି ମ୍ୟାଚ୍ ହେଲା ମତେ ଅମ୍ପାୟରିଂ ପାଇଁ ଡକାଗଲା । ସେବେଠାରୁ ଆଜିଯାଏ ଅମ୍ପାୟରିଂ କରୁଛି । ଯା ଭିତରେ ମୁଁ ଓସିଏରେ ଡି ଗ୍ରେଡ ଅମ୍ପାୟରଭାବେ ବି ମାନ୍ୟତା ପାଇଛି । ମ୍ୟାଚ ହିସାବରେ ଓସିଏ ତରଫରୁ ଟଙ୍କା ମିଳିଥାଏ । ଓସିଏ ଅଣ୍ଡର ୧୯ ଇଣ୍ଟ୍ରା କ୍ଲବ ମ୍ୟାଚ, ଉତ୍କଳ ବିଶ୍ୱବିଦ୍ୟାଳୟର ମ୍ୟାଚ ଭଳି ଅନେକ ମ୍ୟାଚ୍‌ରେ ମୁଁ ଅମ୍ପାୟରିଂ କରିଛି । ଯାଜପୁର, କଟକ, ଜଗତସିଂପୁର, କେନ୍ଦ୍ରାପଡାରେ ଯେବେ ବି ଟୁର୍ନାମେଣ୍ଟ ହୁଏ ମତେ ଅମ୍ପାୟରିଂ କରିବା ପାଇଁ ଡାକନ୍ତି । ଅମ୍ପାୟରିଂ ପାଇଁ ଯାଜପୁର ବିଞ୍ଝାରପୁର ନାଗରିକ ମଞ୍ଚ, ରାଜନଗର ନାଗରିକ ମଞ୍ଚ ସହ ଆହୁରି ଅନେକ ସ୍ଥାନରେ ସମ୍ବର୍ଦ୍ଧିତ ବି ହୋଇଛି । ଅମ୍ପାୟରିଂ କରିବା ଦ୍ୱାରା ଯଦିଓ ମତେ ଆତ୍ମସନ୍ତୋଷ ମିଳେ ହେଲେ ସେଥିରେ ଘରେ ଚଳେନା । ସେଥିପାଇଁ ମୁଁ ରୋଷେୟା କାମ ବି କରେ । ବିଭିନ୍ନ ବାହାଘର, ବ୍ରତଘର, ଜନ୍ମଦିନ ଆଦିରେ ରୋଷେଇ କରିଥାଏ । ମୋର ମୁଖ୍ୟ ଆୟର ସ୍ରୋତ ହେଉଛି ଏଇ ରୋଷେଇ । ଏଥିରୁ ଯାହା ରୋଜଗାର ହୁଏ ସେଥିରେ ମୁଁ ମୋ ପରିବାର ଚଳାଏ । କରୋନା ସମୟରେ ତ କାମ ବନ୍ଦ ହୋଇଯିବାରୁ ବହୁତ ହଇରାଣ ହେବାକୁ ପଡିଥିଲା । ଯଦିଓ ଏବେ ସ୍ଥିତି ଟିକେ ସୁଧୁରିଛି । ହେଲେ ଆର୍ଥିକ ଅବସ୍ଥା ସେତେଟା ସ୍ୱଚ୍ଛଳ ନୁହେଁ । କୌଣସି ସରକାରୀ ସହାୟତା ବି ମୁଁ ପାଇନି । ତଥାପି ମୁଁ ଏଇ ଦୁଇ କାମ ଭିତରେ ସମନ୍ୱୟ ରକ୍ଷା କରି ଆଗେଇ ଚାଲିଛି ।



-ଶିବାନୀ

# ବ୍ଲାକ ଟି' ବଢାଏ ଆୟୁଷ



ପାଣି ପରେ ସବୁଠାରୁ ଅଧିକ ପିଆଯାଉଥିବା ପାନୀୟ ହେଉଛି ଚା' । ପୃଥିବୀରେ ୩୦୦୦ ପ୍ରକାରର ଚା' ଉପଲବ୍ଧ ଅଛି । ତେବେ କୁହାଯାଏ ଚା'ର ଆବିଷ୍କାର ଚାଇନାର ରାଜା ଶେନ ନଙ୍ଗ ଖ୍ରୀ.ପୂ. ୨୩୭ରେ କରିଥିଲେ । ଥରେ ହଠାତ ଚା'ର କିଛି ପତ୍ର ରାଜାଙ୍କ ଗରମ ପାଣିରେ ପଡିଯାଇଥିଲା । ସେ ଯେତେବେଳେ ସେହି ଚା'ପତ୍ର ମିଶ୍ରିତ ଜଳ ପିଇଲେ ତାଙ୍କୁ ବହୁତ ଭଲ ଲାଗିଥିଲା । ସମ୍ଭବତଃ ଏହା ଥିଲା ପ୍ରଥମ ଚା' ପିଆ । ପରେ ଧୀରେ ଧୀରେ ଏହାର ଲୋକପ୍ରିୟତା ବଢିଲା । ଆଉ ସାରା ପୃଥିବୀରେ ଏକ ପ୍ରିୟ ପାନୀୟଭାବେ ପରିଚିତ ହେଲା । ଏବେ ପ୍ରାୟ ସମସ୍ତେ ଚା' ପିଉଛନ୍ତି । ତେଣୁ ଏହା ସ୍ୱାସ୍ଥ୍ୟପକ୍ଷେ ଏହା କେତେ ଭଲ କେତେ ଖରାପ ତାକୁ ନେଇ ଅନେକ ଗବେଷଣା ବି ହୋଇଛି । ଆମେରିକୀୟ ନ୍ୟାଶନାଲ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକମାନେ ୧୪ ବର୍ଷ ଧରି ୫ ଲକ୍ଷ ଲୋକଙ୍କ ଉପରେ କରିଥିବା ଏକ ଗବେଷଣା କହେ ଚା' ପିଉ ନ ଥିବା ଲୋକଙ୍କଠାରୁ ଯେଉଁମାନେ ଚା' ପିଅନ୍ତି ତାଙ୍କର ବଞ୍ଚିବା ସମ୍ଭାବନା ଟିକେ ଅଧିକ । ହେଲେ ଭାରତୀୟଙ୍କ ପ୍ରିୟ କ୍ଷୀର ଚା'ରେ ଆୟୁଷ ବଢି ନଥାଏ ବରଂ ଆୟୁଷ ବଢିଥାଏ ବ୍ଲାକ୍ ଟି' ପିଇଲେ । ଚାଇନା, ଜାପାନ ଯେଉଁଠି ଗ୍ରୀନ ଟି' ଅଧିକ ପିଆଯାଏ, ସେଠାରେ ବି ଚା'କୁ ନେଇ ପୂର୍ବରୁ ଗବେଷଣା ହୋଇଛି । ସେ ଗବେଷଣା କହେ ବି ଚା'ରେ ସ୍ୱାସ୍ଥ୍ୟବର୍ଦ୍ଧକ ଗୁଣ ରହିଛି ।

# ମଡେଲ୍ ମିରର୍



ସ୍ୱାତୀ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## ଦାନ୍ତ

ଡେଣ୍ଟିଷ୍ଟ ସାଙ୍ଗକୁ ମଣ୍ଟୁ: ତୁ ବିନା କଷ୍ଟରେ ଦାନ୍ତ ବାହାର କରିପାରିବୁ?

ଡେଣ୍ଟିଷ୍ଟ: ନା।

ମଣ୍ଟୁ: ହେଲେ ମୁଁ କରିପାରିବି।

ଡେଣ୍ଟିଷ୍ଟ: କେମିତି?

ମଣ୍ଟୁ: ହେଇ ଦେଖ୍।

ହି..ହି..ହି..ହି..

## ସୌଭାଗ୍ୟବନ୍ତ

ସ୍ତ୍ରୀ ସ୍ୱାମୀଙ୍କୁ: ହେଇଟି କହିଲ ଦେଖି ସୌଭାଗ୍ୟବନ୍ତକୁ ଇଂରାଜୀରେ କ'ଣ କହନ୍ତି।

ସ୍ୱାମୀ: ଅନ୍‌ମ୍ୟାରେଡ।

ସ୍ତ୍ରୀ: କ'ଣ କହିଲ?


## ବିନ୍ଦି

ଶାଶୁ ବାହାରକୁ ଯାଉଥିବା ମଡର୍ନ ବୋହୂକୁ:ତତେ କେତେଥର କହିଲିଣି ବିନ୍ଦି ଲଗେଇବା ପାଇଁ ହେଲେ ତୁ ମୋ କଥା ଜମା ଶୁଣୁନୁ!

ବୋହୂ: ମା' ଜିନ୍ସରେ କିଏ ବିନ୍ଦି ଲଗାଏ?

ଶାଶୁ: ମୁଁ କେତେବେଳେ କହିଲି ଜିନ୍ସରେ ବିନ୍ଦି ଲଗେଇବାକୁ? ମୁଁ ତ କହୁଛି ମଥାରେ ଲଗେଇବାକୁ।





# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ବିନ୍‌ସର



ଉତ୍ତରାଖଣ୍ଡର ଅଲମୋରା ନିକଟସ୍ଥ ବିନ୍‌ସର ହେଉଛି ଏକ ସୁନ୍ଦର ପାହାଡିଆ ପର୍ଯ୍ୟଟନସ୍ଥଳୀ । ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ସ୍ଥାନକୁ ବୁଲିଗଲେ ଖୁବ୍ ମାନସିକ ଶାନ୍ତି ମିଳିଥାଏ । ଖାସ୍‌କରି ବିନ୍‌ସରରେ ଥିବା 'ଜିରୋ ପଏଣ୍ଟ' ନାମକ ସ୍ଥାନଟି ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ । ଏଠାରେ ପ୍ରକୃତିର ବୈଭବକୁ ନିକଟରୁ ଉପଭୋଗ କରିବାର ଅନେକ ସୁଯୋଗ ରହିଥିବାର ମନେହୁଏ ।

## କ'ଣ ଦେଖିବେ

ବିନ୍‌ସରରେ ଏମିତି କେତେକ ପର୍ଯ୍ୟଟନସ୍ଥଳୀ ରହିଛି ; ଯାହା ଆଗନ୍ତୁକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ । ବିଶେଷକରି ଏଠାରେ ଥିବା ଏକାଧିକ ଆଧ୍ୟାତ୍ମିକସ୍ଥଳୀ ଏବଂ ପଶୁପକ୍ଷୀଙ୍କ ପାଇଁ ଉଦ୍ଦିଷ୍ଟ ବନ୍ୟପ୍ରାଣୀ ଉଦ୍ୟାନ ସମସ୍ତଙ୍କୁ ଖୁବ୍ ଆନନ୍ଦ ଦେଇଥାଏ । ତନ୍ମଧ୍ୟରୁ କେତୋଟି ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ...

**ବିନ୍‌ସର ବନ୍ୟପ୍ରାଣୀ ଅଭୟାରଣ୍ୟ:** ପ୍ରାୟ ୪୫.୫୯ ବର୍ଗ କି.ମି ପରିବ୍ୟାପ୍ତ ଅଞ୍ଚଳରେ ଗଢି ଉଠିଥିବା ଏହି ଅଭୟାରଣ୍ୟଟି ସମୁଦ୍ରପତ୍ତନରୁ ପାଖାପାଖି ୨,୪୧୨ ମିଟର ଉଚ୍ଚତାରେ ଅବସ୍ଥିତ । ଏଠାରେ ବିଭିନ୍ନ ବନସ୍ପତି ବୃକ୍ଷ ସହିତ ଜାତିଜାତିକା ପଶୁପକ୍ଷୀ ଦେଖିବାକୁ ମିଳିଥାନ୍ତି । ଚିତାବାଘ, ଜଙ୍ଗଲି ବିଲେଇ, କସ୍ତୁରୀ ମୃଗ, ବାର୍‌ହା, କଳା ଭାଲୁ, ବିଲୁଆ ତଥା ନାନାଦି ଜାତିର ମାଙ୍କଡ଼ ଇତ୍ୟାଦି ପଶୁ ଏଠାରେ ମୁଖ୍ୟତଃ ଦେଖାଯାଇଥାନ୍ତି । ଅନ୍ୟପକ୍ଷେ ପ୍ରାୟ ୨୦୦ ପ୍ରଜାତିର ପକ୍ଷୀ ଏହି ଅଭୟାରଣ୍ୟରେ ସୁରକ୍ଷିତ ଭାବରେ ଥିବାର ଦେଖିବାକୁ ମିଳିଥାନ୍ତି । ଏସବୁ ବ୍ୟତିତ ଅନେକ ସରୀସୃପ ତଥା ଭିନ୍ନ ଭିନ୍ନ ପ୍ରଜାତିର ପ୍ରଜାପତିଙ୍କର ସମ୍ଭାର ବି ଏହି ଅଭୟାରଣ୍ୟରେ ରହିଛି ।



**ବିନେଶ୍ୱର ମହାଦେବ ମନ୍ଦିର:** ବିନ୍‌ସରଠାରୁ ପ୍ରାୟ ୬ କି.ମି ଦୂରରେ ରହିଛି ଏହି ପବିତ୍ର ପୀଠଟି । ଦେବ ଦେବ ମହାଦେବଙ୍କୁ ସମର୍ପିତ ଏହି ମନ୍ଦିରଟିର ସୁନ୍ଦର କାରୁକାର୍ଯ୍ୟ ତଥା ଆଧ୍ୟାତ୍ମିକ ପରିବେଶ ଭକ୍ତଗଣଙ୍କୁ ବେଶ୍ ମୋହିତ କରିଥାଏ ।

**ବିନ୍‌ସର ହିଲ୍:** ସମୁଦ୍ରପତ୍ତନଠାରୁ ପ୍ରାୟ ୨୪୨୦ମିଟର ଉଚ୍ଚତାରେ ଥିବା ଏହି ପାହାଡଟି ହେଉଛି ସ୍ଥାନୀୟ ଅଞ୍ଚଳର ଏକ ଲୋକପ୍ରିୟ ସ୍ଥାନ । ଟ୍ରେକିଂ ପାଇଁ ଏଠାରେ ରହିଛି ଅନେକ ସୁବିଧା । ସେଥିପାଇଁ ପ୍ରାୟତଃ ପର୍ଯ୍ୟଟକଙ୍କର ଏଠାରେ ଭିଡ଼ ଦେଖିବାକୁ ମିଳିଥାଏ ।

**ଗଣନାଥ ମନ୍ଦିର:** ବିନ୍‌ସରଠାରୁ ପ୍ରାୟ ୨୫ କି.ମି ଦୂରରେ ରହିଛି ଏହି ମନ୍ଦିରଟି । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଏଠାରେ ଏକ ସ୍ୱତନ୍ତ୍ର ମେଳାର ଆୟୋଜନ କରାଯାଇଥାଏ ; ଯାହାକୁ ଦେଖିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି ।

**କାସାର୍ ଦେବୀ ମନ୍ଦିର:** ବିନ୍‌ସରଠାରୁ ପ୍ରାୟ ୯ କି.ମି ଦୂରରେ ରହିଛି ଏହି ଦେବୀ ମନ୍ଦିର । ପର୍ଯ୍ୟଟକ ଚାହିଁଲେ ଏଠାକୁ ମଧ୍ୟ ବୁଲିଯାଇପାରିବେ ।


## କେବେ ଓ କେମିତି ଯିବେ

ବର୍ଷସାରା ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହୁଥିବାରୁ ପର୍ଯ୍ୟଟକ ଚାହିଁଲେ ଯେ କୌଣସି ସମୟରେ ଏଠାକୁ ବୁଲି ଆସିପାରିବେ । ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି । କାଠଗୋଦାମ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ ; ଯେଉଁଠାକୁ ଦେଶର ବିଭିନ୍ନ ସ୍ଥାନରୁ ଟ୍ରେନ୍ ଚଳାଚଳ କରିଥାଏ ।

ସେହିପରି ପର୍ଯ୍ୟଟକ ଚାହିଁଲେ ବିଭିନ୍ନ ସ୍ଥାନରୁ ବିନ୍‌ସର ଆସୁଥିବା ଟୁରିଷ୍ଟ ବସ୍‌ରେ ବି ଆସି ବୁଲିଯାଇପାରିବେ ।











# କାଉ, କୁକୁରର ବନ୍ଧୁତା

କୁକୁର ଏକ ବିଶ୍ୱସ୍ତ ପ୍ରାଣୀଭାବେ ବେଶ୍ ପରିଚିତ। ମାଲିକ ସହ କୁକୁରର ବନ୍ଧୁତାର ଉଦାହରଣ ବି ଅନେକ ରହିଛି। ସେହିଭଳି କୁକୁରର ଅନ୍ୟ ପ୍ରାଣୀଙ୍କ ସହ ବନ୍ଧୁତା ହେଉଥିବା ମଧ୍ୟ ଦେଖିଥିବେ। ତେବେ ଏକ କୁକୁରର କୌଣସି ପକ୍ଷୀ ସହ ବନ୍ଧୁତା ହେବା ବିରଳ। ନିକଟରେ ସୋସିଆଲ ମିଡଆରେ ଏକ ଜର୍ମାନ ଶେଫର୍ଡ କୁକୁର ସହ ଛୋଟ କାଉର ବନ୍ଧୁତାର ଭିଡିଓ ଲୋକଙ୍କ ମନକୁ ବେଶ୍ ଛୁଉଁଛି। ଏହି କାଉ ଓ କୁକୁର ସବୁବେଳେ ପାଖେ ପାଖେ ରହୁଥିବା ଦେଖିବାକୁ ମିଳୁଛି। ଆଉ ଯଦି କାଉ ଅଳ୍ପ ସମୟ ପାଇଁ ବି ଆଖି ସାମ୍ନାରୁ ଦୂରେଇ ଯାଉଛି କୁକୁର ବ୍ୟସ୍ତ ବିବ୍ରତ ହୋଇ ତାକୁ ଖୋଜୁଛି। ଦୁହେଁ ଗୋଟିଏ ପାତ୍ରରୁ ପାଣି ପିଇବା ସହ ସାଥି ହାଇ ଖାଉଛନ୍ତି। ବିଲେଇଙ୍କଠାରୁ କୁକୁରଟି କାଉକୁ ରକ୍ଷା ବି କରୁଛି। ତେବେ ଏଇ କାଉ ଛୁଆଟି ଥରେ ୧୦୦ ଫୁଟ ଉଚ୍ଚତାରୁ କୁକୁରଟିର ମାଲିକଙ୍କ ବଗିଚାରେ ପଡିଯାଇଥିଲା। ତାକୁ କୁକୁରର ମାଲିକ ଓ କୁକୁର ଦୁହେଁ ମିଶି ବଞ୍ଚାଇବା ସହ ଯତ୍ନ ନେଇଥିଲେ। ଏମିତିରେ କାଉ ଓ କୁକୁରର ବନ୍ଧୁତା ହୋଇଯାଇଥିଲା। ପରବର୍ତ୍ତୀ ସମୟରେ କାଉଟି ନିଜ ପରିବାର ପାଖକୁ ପଳାଇଥିଲା। ହେଲେ ଭୁଲିପାରି ନ ଥିଲା ସେଇ ମାଲିକାଣୀ ଓ ବନ୍ଧୁ କୁକୁରକୁ। ତେଣୁ ଏବେ ସେ ଅଧିକାଂଶ ସମୟ କୁକୁର ପାଖକୁ ଆସେ। ଆଉ ଦୁହେଁ ବହୁତ ଭଲ ସମୟ ବିତାନ୍ତି।







# ଏକାପରି ଦେଖାଯାଉଥିବା ଲୋକଙ୍କର ସ୍ୱଭାବ ବି ହୋଇଥାଏ ଏକାପରି

କୁହାଯାଏ ଜଣେ ବ୍ୟକ୍ତିଙ୍କ ପରି ଆଉ ସାତଜଣ ଥାଆନ୍ତି। ସେମାନେ ପୃଥିବୀର ଯେଉଁଠି ଥାଆନ୍ତୁ ନା କାହିଁକି ସେମାନଙ୍କ ଶାରୀରିକ ଗଠନରେ ଥାଏ ଅନେକ ସମାନତା। ଏମାନେ ଯାଆଁଳା ନ ହୋଇ, ଜଣେ ଜଣଙ୍କୁ ନ ଜାଣି, ଗୋଟିଏ ଅଞ୍ଚଳରେ ନ ରହି ବି ସେମାନଙ୍କ ଭିତରେ ଥାଏ ଅନେକ ସାମଞ୍ଜସ୍ୟ। ସ୍ପେନ୍‌ର ଜୋସେପ କରେରାସ ଲ୍ୟୁକେମିଆ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ଗବେଷକଙ୍କ ମତରେ–ଚେହେରାରେ ସାମଞ୍ଜସ୍ୟ ଥିବା ବ୍ୟକ୍ତିଙ୍କର ସ୍ୱଭାବ ଓ ଅଭ୍ୟାସ ବି ଅନେକାଂଶରେ ଏକାପରି ହୋଇଥାଏ। ତା'ସହ ଜୀବନ ଜିଇଁବାର ତରିକା ବି ଏକାପରି ହୋଇଥାଏ। ଅର୍ଥାତ୍ ଯଦି ଜଣଙ୍କର ଖାଇବା ସଉକ ଥାଏ, ତେବେ ଅନ୍ୟ କେଉଁଠି ଥିବା ସେହି ଏକାପରି ମଣିଷଟିର ବି ଖାଇବା ପ୍ରତି ରୁଚି ନିଶ୍ଚୟ ଥିବ। ଏହି ଗବେଷଣାଟି ଏକାପରି ଦେଖାଯାଉଥିବା ୩୨ଟି ଯୋଡି ଉପରେ କରାଯାଇଥିଲା। ଏଥିରେ ଆଡଭାନ୍ସ ଫେସ୍ ରିକଗ୍‌ନିସନ୍ ସଫ୍ଟୱେରର ବ୍ୟବହାର ହୋଇଥିଲା। ଏହି ଯୋଡିଙ୍କ ମଧ୍ୟରୁ ପୁରାପୁରି ଏକାଭଳି ଦେଖାଯାଉଥିବା ଯୋଡିଙ୍କୁ ଅଲଗା କରି ରଖାଗଲା। ସେମାନଙ୍କ ଜିନ୍ସର ତୁଳନା କରାଗଲା। ଏଥିରୁ ଜଣାପଡିଲା ଯେ, ଯେଉଁମାନେ ଏକାପରି ଦେଖାଯାଆନ୍ତି ସେମାନଙ୍କର ୩୭୩୦ ଜିନ୍ସ ମଧ୍ୟରୁ ୧,୯୨୭ ଏକାପରି ଥିଲା। ତେଣୁ ଏମାନଙ୍କ ମଧ୍ୟରେ ଏତେଟା ସମାନତା ପରିଲକ୍ଷିତ ହୁଏ।

ବ୍ୟାକ୍ ପେଜ୍



# ଏତେ ବଡ ଗାଲ

ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ସବୁକିଛି ବେଶ୍ ଖାସ୍ ଓ ସୁନ୍ଦର। ହେଲେ ବେଳେବେଳେ ଭଗବାନ ଦେଇଥିବା ରଙ୍ଗ ରୂପରେ ମଣିଷ ସନ୍ତୁଷ୍ଟ ହୋଇ ନ ଥାଏ। ଆଉ ନିଜ ଚେହେରା ତଥା ଶରୀରରେ ପରିବର୍ତ୍ତନ ଆଣିବା ପାଇଁ କରିଥାଏ ନାନା ପ୍ରୟାସ। ଯେମିତିକି ଆଜିକାଲି ଅନେକେ ଏଥିପାଇଁ ନେଉଛନ୍ତି କସ୍ମେଟିକ୍ ସର୍ଜରୀର ସାହାଯ୍ୟ। ଏହା କେତେକଙ୍କ କ୍ଷେତ୍ରରେ ଚମତ୍କାର ପରି କାମ କରିଥାଏ ତ କେତେବେଳେ ଏହାର ଓଲଟା ପ୍ରଭାବ ବି ପଡିଥାଏ। ଯାହା ସେମାନଙ୍କୁ ସୁନ୍ଦର ପରିବର୍ତ୍ତେ ଅସୁନ୍ଦର କରିଦିଏ। ୟୁକ୍ରେନର



ଆନାସ୍ତାସିଆ ପୋକ୍ରେଶୁକ୍‌ଙ୍କ କ୍ଷେତ୍ରରେ ବି ଠିକ୍ ସେମିତି ଘଟିଛି। ସେ ଏବେ ପୃଥିବୀର ସବୁଠାରୁ ବଡ଼ ଗାଲ ଥିବା ମହିଳାଭାବେ ପରିଚିତ। ଆନାସ୍ତାସିଆ ପେସାରେ ଜଣେ ମଡେଲ। ସେ ଈଶ୍ୱରପ୍ରଦତ୍ତ ନିଜ ମୁହଁ ଓ ଶରୀରରେ ସନ୍ତୁଷ୍ଟ ନ ଥିଲେ। ତେଣୁ ସେଥିରେ ପରିବର୍ତ୍ତନ ଆଣି ଅଧିକ ସୁନ୍ଦରୀ ହେବାକୁ ଚାହୁଁଥିଲେ। ଆଉ ଏଥିପାଇଁ ସେ କସ୍ମେଟିକ୍ ସର୍ଜରୀର ସାହାଯ୍ୟ ନେଲେ। ନିଜ ଗାଲକୁ ବଡ କରିବା ଲାଗି ଅନେକଥର ଫିଲର୍‌ର ବ୍ୟବହାର କଲେ। ଖାଲି ଗାଲ ନୁହେଁ, ସେ ନିଜ ଓଠକୁ ବଡ କରିବା ପାଇଁ ମଧ୍ୟ ଫିଲର୍ ବ୍ୟବହାର କରିଛନ୍ତି। ଫଳରେ ତାଙ୍କ ଗାଲ ପାହାଡ ଭଳି ଉଚ୍ଚା ହୋଇଯାଇଛି ଓ ଓଠ ବି ଫୁଲି ମୋଟା ହେଇଯାଇଛି। ଏଇ ବଡ଼ ଗାଲ ପାଇଁ ଶେଷରେ ସେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ବି ପାଇଲେ। ହେଲେ ଅନେକେ ତାଙ୍କର ଏଇ ପରିବର୍ତ୍ତିତ ଚେହେରାକୁ ପସନ୍ଦ କରୁ ନାହାନ୍ତି। ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ କରାଯିବା ସହ ସେ ଶେୟାର କରିଥିବା ତାଙ୍କ ପୁରୁଣା ଫଟୋକୁ ଲୋକେ ପସନ୍ଦ କରୁଛନ୍ତି। ଏସବୁ ବାଦ୍ ବି ସେ ନିଜ ଗାଲକୁ ନେଇ ବେଶ୍ ସନ୍ତୁଷ୍ଟ।





# କନଷ୍ଟେବଲ୍ ଦେଉଛନ୍ତି ମାଗଣା ଶିକ୍ଷା

ରାଜସ୍ଥାନ, ଚୁରୁ ଜିଲ୍ଲାର ଏଇ ପିଲାମାନେ ଦିନେ ମଇଳା ଚିରାଫଟା ପ୍ୟାଣ୍ଟ ସାର୍ଟ ପିନ୍ଧି ଅଳିଆଗଦା, ରାସ୍ତାକଡରୁ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଗୋଟେଇ କାନ୍ଧରେ ଝୁଲାଇଥିବା ବସ୍ତାରେ ଭର୍ତ୍ତି କରୁଥିଲେ। ପାଠପଢା ସେମାନଙ୍କ ପାଇଁ ଥିଲା ସାତ ସପନ। ହେଲେ ଏବେ ସେମାନେ ତାଙ୍କର ସେଇ ମଇଳା ବସ୍ତା ବଦଳରେ ବହିଖାତା ଥିବା ସ୍କୁଲ ବ୍ୟାଗ ଧରୁଛନ୍ତି। ଆଉ ଏହା କେବଳ ସମ୍ଭବ ହେଇଛି ଧର୍ମବୀର ଜାଖଡଙ୍କ ପାଇଁ। ଧର୍ମବୀର ପେସାରେ ଜଣେ କନଷ୍ଟବଲ୍। ହେଲେ ପ୍ରୟାସ ତାଙ୍କର ଗରିବ ପିଲାଙ୍କୁ ଶିକ୍ଷିତ କରାଇବା ଓ ତାଙ୍କ ମୁହଁରେ ହସ ଫୁଟାଇବା। ଧର୍ମବୀର ୨୦୧୧ରେ କନଷ୍ଟେବଲଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ମତରେ ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ଭବିଷ୍ୟତ ଗଢାଯାଇପାରିଲେ ଦେଶର ସ୍ଥିତି ସୁଦୃଢ ହୋଇପାରିବ। ଆମ ଦେଶରେ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା ଅଛି। ହେଲେ ପରିବାରର ଆର୍ଥିକ ଦୁଃସ୍ଥିତି ପାଇଁ ଛୋଟ ଛୋଟ ପିଲାଙ୍କୁ ଭିକ୍ଷାବୃତି ଓ ଜରିଗୋଟାଇବା ପରି କାମ କରିବାକୁ ପଡୁଛି। ଫଳରେ ଶିକ୍ଷାଠୁ ଦୂରେଇ ତାଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯାଉଛି। ତେଣୁ ସେ ତାଙ୍କ ଜିଲ୍ଲାର ଜରି ଗୋଟାଳି ଓ ଭିକ୍ଷାବୃତି କରୁଥିବା ପିଲାଙ୍କୁ ଉଚିତ ଶିକ୍ଷା ପ୍ରଦାନ କରିବାକୁ ନିଷ୍ପତ୍ତି ନେଲେ। ଆଉ ୨୦୧୬ ଜାନୁୟାରୀ ୧ ତାରିଖରେ ପିଲାଙ୍କ ପାଇଁ ଖୋଲିଲେ 'ଆପଣି ପାଠଶାଳା' ବା ଅପନା ପାଠଶାଳା ନାମକ ଏକ ବିଦ୍ୟାଳୟ। ଯେଉଁଠି ଗରିବ ପିଲାମାନଙ୍କୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସେ ମାଗଣା ଶିକ୍ଷାଦାନ କରୁଛନ୍ତି। ଏବେ ସେଠାରେ ପିଲାସଂଖ୍ୟା ୪୫୦ରୁ ଊର୍ଦ୍ଧ୍ୱ ହେଲାଣି। ସେ ଯେ କେବଳ ଶିକ୍ଷାଦାନ କରୁଛନ୍ତି ତାହା ନୁହେଁ ପିଲାମାନଙ୍କୁ ମାଗଣା ବହି, ସ୍କୁଲ ବ୍ୟାଗ, ୟୁନିଫର୍ମ ଓ ଅନ୍ୟାନ୍ୟ ପଠନ ସାମଗ୍ରୀ ବି ପ୍ରଦାନ କରୁଛନ୍ତି। ଆଉ ଯେଉଁ ପିଲା ଦୂରରେ ରହୁଛନ୍ତି ସେମାନେ ମଧ୍ୟ କେମିତି ଉଚିତ ଶିକ୍ଷା ପାଇପାରିବେ ସେଥିଲାଗି ସେ ଗାଡିର ବ୍ୟବସ୍ଥା କରିଥାନ୍ତି। ଏମିତିରେ ମାସିକ ତାଙ୍କର ପ୍ରାୟ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏକୁଟିଆ ଏତେ ଖର୍ଚ୍ଚ ସେ ବହନ କରିପାରନ୍ତି ନାହିଁ। ତେଣୁ ସେ ବିଭିନ୍ନ ସୋସିଆଲ ମିଡିଆ ସାହାଯ୍ୟରେ ଡୋନେସନ୍ ସଂଗ୍ରହ କରନ୍ତି। ତେବେ ଯେଉଁମାନଙ୍କ ଆର୍ଥିକାବସ୍ଥା ଅତ୍ୟଧିକ ଖରାପ ସେମାନଙ୍କୁ ପଢିବା ସମୟ ପରେ ଜରି ଗୋଟାଇବା ଓ ଭିକ୍ଷାବୃତି କରିବା ଲାଗି ଅନୁମତି ରହିଥାଏ। ଏହି କାମ ସେ ଏକୁଟିଆ ଆରମ୍ଭ କରିଥିଲେ। ଏବେ ଆହୁରି କେତେଜଣ ମଧ୍ୟ ତାଙ୍କ ସହ ଯୋଗ ଦେଇଛନ୍ତି।





# ନାକରେ ବେଲୁନ ଫୁଙ୍କି କଲେ ରେକର୍ଡ

ସବୁ ମଣିଷ ପାଖରେ ଇଶ୍ୱରପ୍ରଦତ କିଛି ସ୍ୱତନ୍ତ୍ର ପ୍ରତିଭା ଥାଏ। ସେଇ ପ୍ରତିଭାକୁ ଚିହ୍ନିପାରି ତାକୁ ଠିକ୍ ଭାବେ ସଦୁପଯୋଗ କରିପାରିଲେ ସଫଳତା ନିଶ୍ଚୟ ମିଳେ। ତେବେ କେତେକଙ୍କ ପାଖରେ କିଛି ଅଜବ ପ୍ରତିଭା ବି ଥାଏ। ଯେମିତିକି ଇଦାହେରେ ରହୁଥିବା ଡେଭିଡ ରସ୍‌ଙ୍କର ଅଛି ବେଲୁନ ଫୁଲାଇବାର ଏକ ଖାସ୍ ପ୍ରତିଭା। ସେ ଅନ୍ୟମାନଙ୍କ ପରି ପାଟିରେ ଫୁଙ୍କି ବେଲୁନ ଫୁଲାଇ ନ ଥାନ୍ତି। ବରଂ ନିଜ ନାକରେ ଫୁଙ୍କି ବେଲୁନ ଫୁଲାନ୍ତି। ଏଇ ପ୍ରତିଭା ଲାଗି ତାଙ୍କ ନାମ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛି। ସେ ନାକ ପବନରେ ୧ ମିନିଟ୍‌ରେ ୧୦ଟି ବେଲୁନ୍ ଫୁଲାଇ ତାକୁ ସମୟସୀମା ଭିତରେ ବାନ୍ଧି ଏହି ରେକର୍ଡ କରିଥିଲେ।

